# ଫେଲ୍ ମାରିଛି କଂକ୍ରିଟ ଖଳା ଯୋଜନା

■ ଫସଲ ପରିବର୍ତ୍ତେ ଜମା ରହୁଛି ଘରୋଇ ସାମଗ୍ରୀ
■ ଜିଲାରେ ନିର୍ମାଣ ହୋଇଛି ୧୦୬ ଖଳା

କେନ୍ଦ୍ରାପଡ଼ା ଅଫିସ, ୧୭।୧୧

କୃଷି ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାରେ କୃଷି ଯୋଜନା କାର୍ଯ୍ୟକାରୀ ହୋଇପାରୁନି। ଯୋଜନା ସହ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ତୃଣମୂଳସ୍ତରରେ ଚାଷୀ ଉପକୃତ ହୋଇ ପାରୁନାହାନ୍ତି। ଆଳୁ, ସୂର୍ଯ୍ୟମୁଖୀ, ଚିନାବାଦାମ ବିହନ ଯୋଗାଣ ଅନିୟମିତତା ପରେ ଏବେ କଂକ୍ରିଟ ଖଳା ଯୋଜନା ନେଇ ଚାଷୀ ଅସନ୍ତୁଷ୍ଟ ଅଛନ୍ତି। ଜିଲାରେ ଇତିମଧ୍ୟରେ ୧୦୬ଟି ଖଳା ନିର୍ମାଣ ହୋଇଛି। ତେବେ ଏହି ଖଳା ଚାଷୀଙ୍କ ପରିବର୍ତ୍ତେ କେତେଜଣ ପ୍ରଭାବଶାଳୀଙ୍କ ଜବରଦଖଲକୁ ଚାଲିଯାଇଛି। ସେହିପରି ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ଅଳ୍ପ କେତେଦିନ ମଧ୍ୟରେ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି।

ଡେରାବିଶ ବ୍ଲକ ବାରିମୂଳର ଅନନ୍ତ ମଲ୍ଲିକ କୁହନ୍ତି, ଖରିଫ ଧାନ ଅମଳ ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଜିଲାରେ ଧାନ ଚାଷ ଅଧିକ। ଏହାକୁ ଅମଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗ୍ରାମରେ କଂକ୍ରିଟ ଖଳା ନିର୍ମାଣ ହୋଇଛି।


କେନ୍ଦ୍ରାପଡ଼ା ବାରିମୂଳଠାରେ ଥିବା କଂକ୍ରିଟ୍ ଖଳାରେ ବାଲି ଗଦା ହୋଇଛି।

ତେବେ ଏହି ଖଳା ଏବେ କେତେଜଣ ଲୋକଙ୍କ ଜବରଦଖଲକୁ ଚାଲିଯାଇଛି। ଖଳାରେ ଗାଈ, ମଇଁଷି ବାନ୍ଧିବା ସହ ଘଷିଭାଡି ରହିଛି। ଏପରି କି ଏହି ଖଳାରେ ବାଲି ଓ ଅନ୍ୟାନ୍ୟ ସାମଗ୍ରୀ ରହିଥିବା ଦେଖିବାକୁ ମିଳିଛି। ଜିଲାରେ ସାଧାରଣତଃ ଧାନ ଅମଳ ସମୟରେ ସାମୁଦ୍ରିକ ଝଡ଼ ଦେଖାଯାଇଥାଏ। ଏହି ସମୟରେ ଅମଳ ସମସ୍ୟା ହୋଇଥାଏ। ତେବେ ଜବରଦଖଲରେ ଖଳା ଥିବାରୁ ଚାଷୀ କଂକ୍ରିଟ ଖଳାର ଉପଯୋଗ କରିପାରୁ ନାହାନ୍ତି। ମହାକାଳପଡ଼ାର ଚାଷୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ଗୋଟିଏ କଂକ୍ରିଟ ଖଳାରେ ଅନ୍ୟୂନ ୭ରୁ ୯ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବ୍ୟୟ ହେଉଛି। ତେବେ ନିର୍ମାଣକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ନଜର ରହୁନାହିଁ। ଫଳରେ ଠିକାଦାର ଖଳା ନିର୍ମାଣ ପରେ ଦୁଇ ମାସ ମଧ୍ୟରେ ଏହା ନଷ୍ଟ ହୋଇଯାଉଛି। ସେହିପରି ଖଳା ନିର୍ମାଣ ସ୍ଥାନ ଚୟନରେ ବହୁ ତ୍ରୁଟି ଅଛି। ଖଳାକୁ କ୍ଷେତ ଅଞ୍ଚଳ ମଧ୍ୟରେ ରଖିଲେ ଏହାର ସୁଉପଯୋଗ ହୋଇପାରିବ। ତେବେ କେତେକ ଖଳା ଓ କ୍ଷେତର ଦୂରତା ପ୍ରାୟ ୩ରୁ ୫ କିଲୋମିଟର ରହୁଥିବାରୁ ଚାଷୀ ଏହାକୁ ଉପଯୋଗ କରି ପାରୁନାହାନ୍ତି। ଏହାସହ ଖଳାକୁ ଜବରଦଖଲକାରୀଙ୍କଠାରୁ ମୁକ୍ତ କରା ନ ଗଲେ ଯୋଜନା ଫେଲ୍ ମାରିଛି ବୋଲି କୁହାଯାଇପାରେ। ଏ ସମ୍ପର୍କରେ ଜିଲା କୃଷି ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସଙ୍କୁ ପଚାରିବାରେ ଜିଲାରେ ମୋଟ ୧୦୬ଟି ଖଳା ମଧ୍ୟରୁ କୃଷି ବିଭାଗ ପକ୍ଷରୁ ୨୮ଟି ଖଳା ନିର୍ମାଣ ହୋଇଛି। ଅବଶିଷ୍ଟ ୭୮ ଖଳା ଆର୍‌ଏମ୍‌ସି ପକ୍ଷରୁ ନିର୍ମାଣ କରାଯାଇଛି। ପ୍ରାୟ ଅଢ଼େଇ ଗୁଣ୍ଠ ଜମି ଉପରେ ଖଳା ନିର୍ମାଣ ପାଇଁ ୭ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ଗ୍ରାମର ଚାଷୀ ଏହାକୁ ଉପଯୋଗ କରିବା କଥା। ଗ୍ରାମବାସୀଙ୍କ ବିରୋଧ ହେଲେ ଜବରଦଖଲ ହଟିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଆର୍‌ଏମ୍‌ସି ସମ୍ପାଦକ ଅମର କୁମାର ନାୟକ କହିଛନ୍ତି, ଜବରଦଖଲ ସମ୍ପର୍କରେ ଅଦ୍ୟାବଧି କୌଣସି ଅଭିଯୋଗ ଆସିନାହିଁ। ଏପରି ଘଟଣା ନଜରକୁ ଆସିଲେ ପ୍ରଶାସନିକ ତଦନ୍ତ ସହ ପୋଲିସ ସହଯୋଗରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ।

## ଗଣ୍ଡଗୋଳ ଘଟଣାରେ ୨ ମାମଲା ରୁଜୁ

କଳିଙ୍ଗନଗର, ୧୭।୧୧ (ଡି.ଏନ.ଏ.)

ଏକ ଗଣ୍ଡଗୋଳ ଘଟଣାରେ ଟମକା ଥାନା ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଟମକା ଥାନା ଅନ୍ତର୍ଗତ ମାନପୁର ଗ୍ରାମର ଗୁଣମଣି ଜେନାଙ୍କ ପୁଅ ସରୋଜ କୁମାର ଜେନାଙ୍କୁ ଆକ୍ରମଣ ହୋଇଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ସେ ଗ୍ରାମ ଖେଳ ପଡ଼ିଆରେ ସାଙ୍ଗମାନଙ୍କ ସହ କ୍ରିକେଟ ଖେଳୁଥିବା ବେଳେ ସେହି ଗ୍ରାମର ଚିନ୍ତାମଣି ସାହୁ, ନିରଞ୍ଜନ ସେଠୀ, ଚଗଲୁ ବେହେରା ଓ ବାଇଜ ବେହେରା ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ। ସରୋଜଙ୍କ ବାପାମା' ସେଠାରେ ଉପସ୍ଥିତ ଥାଇ ମଧ୍ୟ କିଛି କରି ପାରି ନ ଥିଲେ ବୋଲି ସରୋଜଙ୍କ ମା' ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ନିରଞ୍ଜନ ସେଠୀ ସରୋଜଙ୍କ ବିରୋଧରେ ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରି ସୁନା ଚେନ ଛଡ଼ାଇ ନେଇଥିବା ଅଭିଯୋଗ କରିଛନ୍ତି। ବୁଧବାର ସେ ଅଲେଖପୁର ଗ୍ରାମରୁ ଫେରୁଥିବା ବେଳେ ସରୋଜ ତାଙ୍କ ବାପାମା'ଙ୍କ ସହିତ ମିଶି ଏହି ଘଟଣା ଘଟାଇ ଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ୨ଟି ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା



ରଘୁନାଥପୁର, ୧୭।୧୧ (ଡି.ଏନ୍.ଏ.): ରଘୁନାଥପୁର ତହସିଲ ଅନ୍ତର୍ଗତ ରେଢୁଆ ମଜୁରାଇ ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଚାଳଘର ଜଳିଯାଇଛି। ଏଥିରେ ରଘୁନାଥଙ୍କ ପରିବାର ସଦସ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ଅଗ୍ନିକାଣ୍ଡରେ ତାଙ୍କ ଘରର ସମସ୍ତ ଆସବାବପତ୍ର ସମେତ ଧାନଚାଉଳ, ବିରିମୁଗ ଆଦି ପୋଡ଼ିଯାଇଛି। ରାତିରେ ରଘୁନାଥ ପୃଷ୍ଟିଙ୍କ ପରିବାର ଶୋଇଥିବା ସମୟରେ ହଠାତ୍ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ପରିବାର ଲୋକଙ୍କ ଡାକ ଶୁଣି ଗ୍ରାମବାସୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏଥିସହ ଅଗ୍ନିଶମ ବିଭାଗରେ ଖବର ଦିଆଯାଇଥିଲା। ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସବୁ କିଛି ପୋଡ଼ିଯାଇଥିଲା। ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

### ସାଇକେଲରୁ ପଡ଼ି ବୃଦ୍ଧ ମୃତ

ବାହାନଗା, ୧୭।୧୧ (ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନାଗା ବ୍ଲକ ୧୬ନମ୍ବର ଜାତୀୟ ରାଜପଥ ଉପରେ ସାଇକେଲ ଯୋଗେ ଯାଉଥିବା ଜଣେ ବୃଦ୍ଧ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବାହାନଗା ଅଞ୍ଚଳର ଭାନୁ ଚନ୍ଦ୍ର ପଣ୍ଡା। ସେ ନିଜ ସାଇକେଲ ଯୋଗେ ବଜାରରୁ ଘରକୁ ଫେରୁଥିବା ବେଳେ ଜାତୀୟ ରାଜପଥ ଉପରେ ପଡିଯାଇଥିଲେ। ତେବେ ସେଠାରେ ଥିବା ଲୋକମାନେ ଘଟଣାସ୍ଥଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ତେବେ ସୋର ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ଆଳି, ୧୭।୧୧ (ଡି.ଏନ.ଏ.): ଆଳି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ଭାବେ ପରିଚିତ ଅରଗଳ ଗାଁର ଆନନ୍ଦ ଚନ୍ଦ୍ର କୁଅଁରଙ୍କର (୭୮)ବର୍ଷ ବୟସରେ ଗୁରୁବାର ସକାଳେ ପରଲୋକ ଘଟିଛି। ଦୀର୍ଘଦିନ ହେବ ସେ ଶାରୀରିକ ଭାବେ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ସକାଳେ ତାଙ୍କ ପରଲୋକ ଖବର ଅଞ୍ଚଳରେ ପ୍ରଚାରିତ ହେବା ପରେ ଅରଗଳ ସମେତ ସ୍ଥାନୀୟ ଅଞ୍ଚଳରେ ମଧ ଶୋକର ବାତାବରଣ ଖେଳିଯାଇଥିଲା। ଗ୍ରାମବାସୀଙ୍କ ସମେତ ବନ୍ଧୁ, ଆତ୍ମୀୟ ସ୍ୱଜନ, ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ କୁଅଁରଙ୍କୁ ଭଲ ପାଉଥିବା ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ କୁଅଁର ଅରଗଳ ଗ୍ରାମର ପ୍ରଥମ ଗ୍ରାଜୁଏଟ ଶିକ୍ଷକ ଭାବେ ଶିକ୍ଷକତା ଆରମ୍ଭ କରିଥିଲେ। ଅରଗଳ ନଦୀକୂଳ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ ନେଇଥିଲେ। ସ୍ୱର୍ଗତ କୁଅଁର ପଞ୍ଚାୟତରେ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ ପ୍ରଥମେ ଅଣ୍ଟା ଭିଡ଼ିଥିବା ବେଳେ ସମଗ୍ର ଧୋୟାଞ୍ଚଳର ବିକାଶ ନିମନ୍ତେ ଚେଷ୍ଟା ଜାରି ରଖିଥିଲେ। କଣ୍ଡିଆହାଟର ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଭାବେ ମଧ ଦୀର୍ଘଦିନ ହେବ ଦାୟିତ୍ୱ ନେଇ ସୁଚାରୁ ରୂପେ କାର୍ଯ୍ୟ କରିଥିଲେ। ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟ ଗଠନ କ୍ଷେତ୍ରରେ ତାଙ୍କର ଭୂମିକା ଥିବା ବେଳେ ସାମାଜିକ ଅନୁଷ୍ଠାନ ଗଢିବା ପଛରେ ମଧ ତାଙ୍କର ଭୂମିକା ନିଆରା। ଏକାଧାରରେ ସେ ଶିକ୍ଷାବିତ୍, ଗାଳ୍ପିକ, ସାମାଜିକ କର୍ମୀ, ସଂଗଠକ ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିବାରୁ ଅରଗଳ ଗାଁ ତାଙ୍କ ବିୟୋଗରେ ମୁରବି ଶୂନ୍ୟ ହୋଇଗଲା ବୋଲି ଗ୍ରାମବାସୀ ମାନେ କହୁଛନ୍ତି। ସ୍ୱର୍ଗତ କୁଅଁରଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବୋହୂ ପୁଅ, ନାତି, ନାତୁଣୀ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ କ୍ଷ ଗ୍ରାମବାସୀ ଏକ ଶବ ଶୋଭାଯାତ୍ରାରେ ସ୍ୱର୍ଗତ କୁଅଁରଙ୍କୁ ନେଇ ଗ୍ରାମ ପରିକ୍ରମା କରିବା ପରେ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପ୍ରିୟଦର୍ଶୀ ମୁଖାଗ୍ନି ଦେଇଥିଲେ।



## ୧୧ ଗ୍ରାମ୍ ବ୍ରାଉନସୁଗାର ଜବତ, ୫ ଗିରଫ


ଗିରଫ ବ୍ରାଉନସୁଗାର ବ୍ୟବସାୟୀଙ୍କ ସହ ପୋଲିସ ଅଧିକାରୀମାନେ।

ପଟ୍ଟାମୁଣ୍ଡାଇ, ୧୭।୧୧ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ସ୍ଥାନରେ ଦୀର୍ଘଦିନ ହେବ ବ୍ରାଉନସୁଗାର କାରବାର ଚାଲିଥିବା ଅଭିଯୋଗ ହୋଇଆସୁଥିଲା। ବୁଧବାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ବିଶେଷ ସୂତ୍ରରୁ ଖବରପାଇ ୧୧ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିବା ସହ ୫ ଜଣ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମହାଜନସାହି ଗାଁର ଅଦିତ କୁମାର ପଣ୍ଡା (୩୩), ମଥୁରା ମଳିକ (୩୪), ପଟ୍ଟାମୁଣ୍ଡାଇ ଓଉପଦା ଗାଁର ମୁକେଶ ସାହୁ (୨୨), ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ଗାଁର ରଞ୍ଜିତ କୁମାର ରାଉତ (୨୪) ଓ ଅଡାଖଣ୍ଡମଠସାହି ଗାଁର ସଞ୍ଜୟ କୁମାର ଦାସ (୪୨)। ସେମାନଙ୍କଠାରୁ ଜବତ ୧୧ ଗ୍ରାମ୍ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୪ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଏଥିସହ ନଗଦ ୫ ହଜାରେ ଟଙ୍କା, ୪ଟି ମୋବାଇଲ, ଗୋଟାଏ ବାଇକ୍ ଜବତ ହୋଇଛି। ଏ ନେଇ ଥାନାରେ ନଂ. ୫୬୨/୨୨ରେ ମାମଲା ରୁଜୁ କରାଯାଇଥିବା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ଆଡିଶନାଲ ଏସ୍‌ପି ହରେଶ ପାଣ୍ଡେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ବୁଧବାର ଅପରାହ୍ନ ୨ଟା ବେଳେ ପୋହଳ ଏନ୍‌କେସି ଗ୍ରାଉଣ୍ଡ ଭିତରେ ବ୍ରାଉନସୁଗାର ବିକ୍ରି ଚାଲୁଥିବା ବିଶେଷ ସୂତ୍ରରୁ ଖବରପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ତପନ କୁମାର ରାଉତଙ୍କ ନିର୍ଦ୍ଦେଶରେ ସବ୍‌ଇନ୍ସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ପୋଲିସ ସଦଳବଳ ଚଢ଼ାଉ କରିଥିଲେ। ସେମାନଙ୍କୁ ଚେକିଂ କରିବା ବେଳେ ବ୍ରାଉନସୁଗାର ଥିବା ଦେଖି ଥାନାକୁ ଆଣିଥିଲେ। ପଚରାଉଚରା ପରେ ସେମାନେ ବ୍ରାଉନସୁଗାର କାରବାର କରୁଥିବା ସ୍ୱୀକାର କରିଥିଲେ ବୋଲି ଅତିରିକ୍ତ ଏସ୍‌ପି ପାଣ୍ଡେ କହିଛନ୍ତି। ଏହି ସମ୍ମିଳନୀରେ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଆଇଆଇସି ରାଉତ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ସମ୍ମିଳନୀରେ କେନ୍ଦ୍ରାପଡା ଅତିରିକ୍ତ ଏସ୍‌ପି ପାଣ୍ଡେ କହିଥିଲେ, ବେଆଇନ ନିଶା କାରବାର ରୋକିବାକୁ ପୋଲିସ ପକ୍ଷରୁ ଧଳା ଜହର ଅପରେଶନର ସ୍ୱତନ୍ତ୍ର ଡ୍ରାଇଭ୍ ଚାଲିଛି। ଆଗକୁ ଡ୍ରଗ୍ସ ମାଫିଆଙ୍କ ବିରୋଧୀ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରାଯିବ।

## ପିକ୍‌ଅପ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ, ୧୭।୧୧ (ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଜାତୀୟ ରାଜପଥ ୨୦ ନଂ ବରବେଡ଼ା ଗ୍ରାମ ନିକଟରେ ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିକିରା ଗ୍ରାମର ରାବଣ ନାଏକ (୪୦)। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଫେରାର ହୋଇଯାଇଛି। ପ୍ରକାଶ ଯେ, ରାବଣ ଗୁରୁବାର ଇଟାଭାଟିକୁ କାମ କରିବାକୁ ଯାଉଥିଲେ। ବରବେଡ଼ା ଗ୍ରାମ ନିକଟରେ ୨୦ ନଂ. ଜାତୀୟ ରାଜପଥ ପାରି ହେଉଥିବା ସମୟରେ ଘଟଗାଁରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧିକାରୀ ସବ୍ ଇନ୍ସପେକ୍ଟର ତରଣୀ ସେନ ବାଗ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ।

## କଟକ ଦୁଗ୍ଧ ସଂଘ ସଭାପତିଙ୍କ କେନ୍ଦ୍ରାପଡ଼ା ଜିଲା ଗସ୍ତ


ସଭାପତି ଆର୍ତ୍ତତ୍ରାଣ ପତିଙ୍କୁ କେନ୍ଦ୍ରାପଡ଼ାରେ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୧୭।୧୧

କଟକ ଦୁଗ୍ଧ ସଂଘ ପରିଚାଳନା ପରିଷଦ ସଭାପତି ଆର୍ତ୍ତତ୍ରାଣ ପତି ଗୁରୁବାର କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ। ଦୁହୁରିଆସ୍ଥ କେନ୍ଦ୍ରାପଡ଼ା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ପରିଦର୍ଶନ ସହ ଶାଖା ପରିଚାଳକ ଚିତ୍ତରଞ୍ଜନ ପଣ୍ଡାଙ୍କ ସହ ଚାଷୀଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ସଭାପତି ପତି ଜିଲାର ବିଭିନ୍ନ ସମବାୟ ସମିତିର କର୍ମକର୍ତ୍ତା, ସଭ୍ୟାସଭ୍ୟଙ୍କୁ ଭେଟି ଗୋପାଳନ ଓ ଅନ୍ୟ ସମସ୍ୟା ସମ୍ପର୍କରେ କଥା ହୋଇଥିଲେ। ଏହି ଅବସରରେ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରେ ତାଙ୍କୁ ବିଭିନ୍ନ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁରର ପରିଷଦ କର୍ମକର୍ତ୍ତା ଶ୍ରୀକାନ୍ତ ଜେନା, କେନ୍ଦ୍ରାପଡ଼ାର ଧନେଶ୍ୱର ରାଉତ ଓ ସୁକାନ୍ତୀ ଦାସ ସାମିଲ ହୋଇଥିଲେ। କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସମିତିର କର୍ମକର୍ତ୍ତା ଅକ୍ଷୟ କୁମାର ମନ୍ତ୍ରୀ, କବି ପରିଡ଼ା, କେଶବ ଦାସ, ଖଗେଶ୍ୱର ରାଉତ, ନିରଞ୍ଜନ ପ୍ରଧାନ, କିଶୋର ସ୍ୱାଇଁ ପ୍ରମୁଖ ସଭାପତି ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସୋଲାର ଲାଇଟ୍, ପାନୀୟ ଜଳ ଉପକରଣ ବଣ୍ଟନ

ପାରାଦୀପ, ୧୭।୧୧ (ସ୍ୱ.ପ୍ର.)

ପାରାଦୀପର ମଧୁବନ ଓ ନେହେରୁ ବଙ୍ଗଳା ସମେତ ପ୍ରସ୍ତାବିତ ଗଡ଼କୁଜଙ୍ଗ ଅଞ୍ଚଳରେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ସୋଲାର ଲାଇଟ ଓ ଶୁଦ୍ଧ ପାନୀୟଜଳ ଉପକରଣ ଯୋଗାଇ ଦିଆଯାଇଛି। ମାଛଧରା ବନ୍ଦର ସଂଲଗ୍ନ ରାସ୍ତା ଅନ୍ଧାରିଆ ରହୁଥିବାରୁ ମତ୍ସ୍ୟଜୀବୀଙ୍କ ଅନୁରୋଧକ୍ରମେ ସେଠାରେ ସୋଲାର ଲାଇଟ୍ ଲଗାଯାଇଛି। ସେହିପରି ଗଡ଼କୁଜଙ୍ଗସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ମଧ ସୋଲାର ଲାଇଟ୍ ଲଗାଯାଇଛି। ଏହି ଦୁଇଟି ସ୍ଥାନରେ ୭୫ଟି ଲାଇଟ୍ ଲାଗିଛି। କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ ୨୩୦ ସୋଲାର ଲାଇଟ୍ ଲଗାଯାଇଥିବା ସୂଚନା ମିଳିଛି। ସେହିପରି ସରକାରୀ ବିଦ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୫୦ ଲିଟର ବିଶିଷ୍ଟ ୧୪ଟି ଶୁଦ୍ଧ ପାନୀୟଜଳ ମେସିନ ଲଗାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ଲଗାଯାଇଥିବା ସୋଲାର ଲାଇଟ୍, ପାନୀୟଜଳ ମେଶିନ।

## ଟ୍ରକ୍ ଧକ୍କାରେ ଓଡ଼ିଶା ଖଣି ନିଗମ ପାଚେରି ଭାଙ୍ଗିଲା

କଳିଆପାଣି, ୧୭।୧୧ (ଡି.ଏନ.ଏ.): ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳକୁ କ୍ରୋମାଇଟ୍ ପରିବହନ ପାଇଁ ଆସି ସିରିଏଲ ଭିତରେ ଭର୍ତ୍ତି କରୁଥିବା ସମୟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଓଡ଼ିଶା ଖଣି ନିଗମ ପାଚେରିରେ ଧକ୍କା ହୋଇଛି। ଫଳରେ ପାଚେରିର କିଛି ଅଂଶ ଭାଙ୍ଗିଯାଇଛି। ରାସ୍ତା ଅବରୋଧ କରି ଅଣଚଉଡ଼ା ସ୍ଥାନରେ ଚାଳକ ଟ୍ରକ୍ ବୁଲାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖଣି ଭିତର ମୁକୁଳା ହୋଇ ରହିଛି। ଅନ୍ୟପକ୍ଷରେ ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ପାଇଁ ପ୍ରତିଦିନ ଅଞ୍ଚଳରେ ଧନ ଜୀବନ ନଷ୍ଟ ହେବାକୁ ଲାଗିଛି। ନିକଟରେ କଲରଙ୍ଗୀ ଢ଼ାବା ଛକରେ ଟ୍ରକ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଟ୍ରକ୍ ସିରିଏଲ କରିବା ପାଇଁ ଜିଏ ଯେଉଁଠି ପାଇଲା ରାସ୍ତା ଉପରେ ଟ୍ରକକୁ ବୁଲାଇ ଗଳି କନ୍ଦିରେ ପୁରାଉ ଥିବା ଦେଖିବାକୁ ମିଳୁଛି। କ୍ରୋମାଇଟ ଲୋଡିଂ ପ୍ରତିଯୋଗିତାରେ ଟମକା ମଙ୍ଗଳପୁର ରାସ୍ତା ବିପଦପୂର୍ଣ୍ଣ ହୋଇଛି। ଫଳରେ ସାଧାରଣ ଲୋକ ଯାତାୟାତ ପାଇଁ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘ ବୈଠକ



ରାଜନଗର, ୧୭।୧୧ (ଡି.ଏନ.ଏ.)

ରାଜନଗର ବ୍ଲକ ମଲ୍ଲିଆବୁଦା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ତରଫରୁ ଆଗାମୀ ରାଜ୍ୟସ୍ତରୀୟ ମହାସମାବେଶ ବିଷୟରେ ଆଲୋଚନା କରାଯାଇଥିଲା। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଆସନ୍ତା ୧୯ ତାରିଖରେ ରାଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯିବା ସହ ଆଗାମୀ ୨୭ ତାରିଖରେ ରାଜ୍ୟ ସ୍ତରୀୟ ମିଳିତ ପ୍ରାଥମିକ ଶିକ୍ଷକ ମହାସମାବେଶରେ ଯୋଗଦେବା ପାଇଁ ଗୁରୁବାର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସମାବେଶର ପରିଚାଳନା କରିବା ପାଇଁ ରାଜନଗର ବ୍ଲକର ବରିଷ୍ଠ ଶିକ୍ଷକ ଅନିଲ କୁମାର ଦାଶ ଏବଂ ଦାମୋଦର ରାଉତଙ୍କୁ ସର୍ବସମ୍ମତିକ୍ରମେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିପାଇଁ ଏକ ୧୦ ଜଣିଆ ପରିଚାଳନା କମିଟି ଗଠନ କରାଗଲା। ଏହି କମିଟିରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଜେନା, ତ୍ରୈଲୋଚନ ଦାସ, ହେମନ୍ତ କୁମାର ବାରିକ, ଉତ୍ତମ କୁମାର ମଲ୍ଲିକ, କୃତ୍ତିବାସ ଗନ୍ତାୟତ, ସୁଶାନ୍ତ କୁମାର ସେଠୀ, ବିଜୟ କୁମାର ରାଉତ ଏବଂ ମାଧବ ବର ପ୍ରମୁଖ ରହିଛନ୍ତି। ଶେଷରେ ମହାସମାବେଶକୁ ସଫଳ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ।

## ଗ୍ରହୀତାଙ୍କ ଦୁଆରେ ବସି ଋଣ ଆଦାୟ

କେନ୍ଦ୍ରାପଡ଼ା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ

କେନ୍ଦ୍ରାପଡ଼ା ଅଫିସ, ୧୭।୧୧

ଋଣ ଦେୟ ଅସୁଲି ସାମ୍ପ୍ରତିକ ସମୟରେ ବ୍ୟାଙ୍କଗୁଡିକର ମୁଣ୍ଡ ବିନ୍ଧା ହୋଇଛି। ଗ୍ରହୀତା ବ୍ୟାଙ୍କରୁ ଋଣ ନେବା ପରେ ଶୁଝିବାକୁ ଭୁଲି ଯାଉଛନ୍ତି। ଫଳରେ ବ୍ୟାଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି। ତେବେ ଏହି ଧାରା ଆଗକୁ ବଢ଼ିବ ନାହିଁ। ପ୍ରତ୍ୟେକ ଋଣ ଗ୍ରହୀତା ବ୍ୟାଙ୍କ ଋଣ ଶୁଝିବା ପାଇଁ ତତ୍ପର ହେବେ। ଏଥିପାଇଁ ଗ୍ରହୀତାଙ୍କ ଘର ଦୁଆର ମୁହଁରେ କର୍ମଚାରୀ ଦୀର୍ଘ ସମୟ ବସିଥିଲେ ବୋଲି କେନ୍ଦ୍ରାପଡ଼ା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ସିଇଓ ରାଜୀବ ଲୋଚନ ପଣ୍ଡା କହିଛନ୍ତି। ସକାଳ ପ୍ରାୟ ୧୦ଟା ସମୟରେ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ଜଣେ ଋଣ ଗ୍ରହୀତାଙ୍କ ଘର ନିକଟରେ ବ୍ୟାଙ୍କର ପୁରୁଣା ବସ୍‌ଷ୍ଟାଣ୍ଡ ଶାଖାର କର୍ମଚାରୀ କୁନ ଚନ୍ଦ୍ରବେହେରା, ପ୍ରଭାତ ମହାପାତ୍ର, କବିତା ନାୟକ, ସରୋଜକାନ୍ତ ମଲ୍ଲିକ ଓ ସୌମ୍ୟରଞ୍ଜନ ସ୍ୱାଇଁ ପହଞ୍ଚି ଥିଲେ। ଗ୍ରହୀତାଙ୍କୁ ଡାକି ଋଣ ଦେୟ ଅସୁଲି ପାଇଁ ନିବେଦନ କରିଥିଲେ। ତେବେ ସମ୍ପୃକ୍ତ ଋଣ ଗ୍ରହୀତା ଟଙ୍କା ନ ଥିବା ଆଳ ଦେଖାଇ କର୍ମଚାରୀଙ୍କୁ ଫେରି ଯିବାକୁ କହିଥିଲେ। ମାତ୍ର କର୍ମଚାରୀମାନେ ଘର ଦୁଆର ମୁହଁରେ ବସି ରହିବାରୁ ଦେୟ ଅର୍ଥରୁ ୧୫ ହଜାର ଟଙ୍କା ପ୍ରଦାନ ସହ ସମସ୍ତ ବକେୟା ଦେୟ ଖୁବ୍‌ଶୀଘ୍ର ଦେଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ସିଇଓ ପଣ୍ଡା କହିଛନ୍ତି, ଋଣ ଗ୍ରହୀତାଙ୍କୁ ଦେୟ ଅର୍ଥ ପ୍ରଦାନ ପାଇଁ ବିଭିନ୍ନ ସମୟରେ ନୋଟିସ ପ୍ରଦାନ କରାଯାଉଛି। ବାଧ୍ୟ ହୋଇ ଏପରି ପନ୍ଥା ଆପଣେଇବାକୁ ପଡିଛି ବୋଲି ସେ କହିଥିଲେ।


ଋଣ ନେଇଥିବା ବ୍ୟକ୍ତିଙ୍କ ଘର ସମ୍ମୁଖରେ ବ୍ୟାଙ୍କ କର୍ମଚାରୀମାନେ ବସିଛନ୍ତି।

# ପୌରାଧ୍ୟକ୍ଷାଙ୍କ ଗିରଫ ଦାବି ତେଜିଲା

## ନିର୍ବାହୀ ଅଧିକାରୀଙ୍କ ଉପରେ ଫାଇଲ ଫିଙ୍ଗିବା ଘଟଣା

- ପିସି ରାଜର ତଦନ୍ତ କରିବାକୁ ମଞ୍ଚର ଦାବି
- ବିପର୍ଯ୍ୟସ୍ତ ହୋଇଛି ପରିମଳ ସେବା

**ଯାଜପୁର ଅଫିସ,୧୭।୧୧**

ଯାଜପୁର ଜିଲା ବ୍ୟାସନଗର ପୌରପରିଷଦର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ନିର୍ବାହୀ ଅଧିକାରୀଙ୍କ ଉପରକୁ ଫାଇଲ ଫିଙ୍ଗିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଏପରିକି ପୌରାଧ୍ୟକ୍ଷା ପିଙ୍ଗୁଆଙ୍କୁ ଗିରଫ ଏବଂ ଜିଲାପାଳ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଭାରତୀୟ ଜନତା ପାର୍ଟି(ଭାଜପା)ର ବ୍ୟାସନଗର ବ୍ୟାସଦେବ ମଣ୍ଡଳ ପକ୍ଷରୁ ଏହି ମର୍ମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଓ ଯାଜପୁର ରୋଡ ଆଇଆଇସିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ପୌରାଧ୍ୟକ୍ଷା ପିଙ୍ଗୁଆ ବିଭିନ୍ନ ଯୋଜନା ପାଇଁ ପିସି ନେବା ରାସ୍ତାରେ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ବାଧକ ସାଜିଥିଲେ। ତେଣୁ ନିର୍ବାହୀ ଅଧିକାରୀ ରାଉତଙ୍କୁ ହଟାଇବାକୁ ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହ ଶେଷରେ ପିତୃତୁଲ୍ୟ ବୟସର ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀଙ୍କ ଉପରକୁ ଫାଇଲ ଫୋପାଡ଼ିବା ଏକ ଦଣ୍ଡନୀୟ ଅପରାଧ। ତେଣୁ ଅଧିକାରୀ ରାଉତ ଦେଇଥିବା ଏତଲାକୁ କାର୍ଯ୍ୟକାରୀ କରାଯାଇ ପୌରାଧ୍ୟକ୍ଷା ପିଙ୍ଗୁଆଙ୍କୁ ଗିରଫ କରାଯାଉ ବୋଲି ଦର୍ଶାଯାଇଛି। ଏହି ଦାବିପତ୍ରରେ ବ୍ୟାସଦେବ ମଣ୍ଡଳର ସଭାପତି ଅଚ୍ୟୁତାନନ୍ଦ ଦାଶ, ରାଜ୍ୟ ମହିଳା ମୋର୍ଚ୍ଚାର ସମ୍ପାଦିକା ଇତିଶ୍ରୀ ଜେନା, ଚନ୍ଦ୍ରଶେଖର ପଣ୍ଡା, ଗଣେଶ ମାଝି, ନିରଞ୍ଜନ ଘଡେଇ, ଗୋପାଳକୃଷ୍ଣ ପାଢୀ, ପ୍ରଶାନ୍ତ ବୋଇତେଇ, ଦେବାଶିଷ ପାଣିଗ୍ରାହୀ, ସଞ୍ଜୟ ବାରିକ ପ୍ରମୁଖଙ୍କ ଦସ୍ତଖତ ରହିଛି।

ସେହିପରି କୋରାଇ ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମହାନ୍ତି ଏକ ବିଜ୍ଞପ୍ତିରେ କହିଛନ୍ତି, ପୌରାଧ୍ୟକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ବିବାଦର ଉଚ୍ଚସ୍ତରୀୟ ତଦନ୍ତ ନ କରି ନିର୍ବାହୀ ଅଧିକାରୀଙ୍କୁ ରାତିଅଧିଆ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କୌଣସି ନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତି ନ ଦେବା ବ୍ୟାସନଗରବାସୀଙ୍କ ପ୍ରତି ଉପହାସ। ସହରବାସୀ ଯେଉଁ ଆଶା ଓ ବିଶ୍ୱାସ ରଖି ପ୍ରତ୍ୟକ୍ଷ ନିର୍ବାଚନରେ ବିଜେଡିର ସଙ୍ଗୀତା ପିଙ୍ଗୁଆଙ୍କୁ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ କରିଥିଲେ ତାର ବ୍ୟତିକ୍ରମ ଦେଖାଦେଇଛି। ୮ ମାସ ମଧ୍ୟରେ ବିକାଶ ପରିବର୍ତ୍ତେ ଦୁର୍ନୀତି ଉଦ୍ଦେଶ୍ୟ ରଖି ସେ ଭୁଲ କରି ଚାଲିଛନ୍ତି। ମୋବାଇଲ ଟାୱାର ସ୍ଥାପନ ଏକ ବାହାନା। ବାଓମେଟ୍ରିକ ବ୍ୟବସ୍ଥା ଲାଗୁ ହେବା ଓ ସଫେଇ କାର୍ଯ୍ୟରେ ମାସିକିଆ ବଟି ନ ପାଇବା ଦ୍ୱାରା ଏଭଳି ବିବାଦ ଆରମ୍ଭ ହୋଇଥିବା ଜଣାପଡୁଛି । ବ୍ୟାସନଗର ଭଳି ଏକ ଭାଇଚାରା ସହରରେ ଜଣେ ପୌରାଧ୍ୟକ୍ଷାଙ୍କ ଦ୍ୱାରା ଜଣେ ଅଧିକାରୀଙ୍କ ପ୍ରତି ଏଭଳି ବ୍ୟବହାର ସମସ୍ତଙ୍କୁ ବ୍ୟଥିତ କରିଛି । ଅଧିକାରୀ ଦୁର୍ନୀତି କରି ରାତି ଅଧିଆ ବଦଳି ହେଲେ ନା ଦୁର୍ନୀତିକୁ ପ୍ରଶ୍ରୟ ନ ଦେବାରୁ ନେତାଙ୍କ ପ୍ରରୋଚନାରେ ତାଙ୍କୁ ଅନ୍ୟତ୍ର ବଦଳି କରାଗଲା ତା'ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ତେଣୁ ଜିଲାପାଳ ଯାଜପୁର ପୌରାଧ୍ୟକ୍ଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ସହରର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପୌର ପରିଷଦର ନିଜସ୍ୱ ବ୍ୟବସ୍ଥା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସହର ଉପକଣ୍ଠ ବ୍ୟାସସରୋବର ନିକଟରେ ଆବର୍ଜନା ଗଦା କରାଯାଇ ପରିବେଶକୁ ଆହୁରି ଦୂଷିତ କରାଯାଇଛି । ବହୁ ଉଦ୍ୟମ ପରେ ବ୍ୟାସ ସରୋବର ରେଳଲାଇନ କଡରେ ସମ୍ପଦ କେନ୍ଦ୍ର ନିର୍ମାଣ କରାଯାଇଥିଲେ ହେଁ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା ହୋଇ ପାରୁନାହିଁ। ବିଭିନ୍ନ ସ୍ଥାନରେ ବର୍ଜ୍ୟବସ୍ତୁକୁ ପୋଡାଯାଇ ପରିବେଶକୁ ଦୂଷିତ କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ପୌର ପରିଷଦର ନବ ନିର୍ବାଚିତ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ କାଉନସିଲର ବୃନ୍ଦ ବର୍ଜ୍ୟବସ୍ତୁ ପରିଚାଳନାରେ ଦେଖାଦେଇଥିବା ସମସ୍ୟାର ଦୂରଗାମୀ ସମାଧାନ କରିବା ପରିବର୍ତ୍ତେ ନୀରବ ରହୁଛନ୍ତି। ନିୟୋଜିତ ସଫେଇ ଠିକାସଂସ୍ଥା କେତେଜଣ ଅଧିକାରୀ ଏବଂ ଜନପ୍ରତିନିଧିଙ୍କୁ ନିଜ ପକେଟରେ ରଖି ସିଂହଭାଗ ଅର୍ଥ ହରିଲୁଟ କରୁଥିବା ଅଭିଯୋଗ ହୋଇଆସୁଛି। କିନ୍ତୁ ଜିଲାପାଳ କିମ୍ବା କୌଣସି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପଦକ୍ଷେପ ଶୂନ ରହିଛି। ଏ ସଂକ୍ରାନ୍ତରେ ପୌରାଧ୍ୟକ୍ଷା ପିଙ୍ଗୁଆଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ କଲ ଗ୍ରହଣ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।



ଭାଜପା ବ୍ୟାସନଗର ବ୍ୟାସଦେବମଣ୍ଡଳ ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ନିଶାନ୍ତ



@ ଓମ୍‌ଶକ୍ତି



@ ପ୍ରଶାନ୍ତ



@ ରାକେଶ



@ ସୁନିଲ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଆଇନ ଚିଙ୍ଗୁଡ଼ି ଘେରି ହେବ ଉଚ୍ଛେଦ



ଗହୀରମଥାସ୍ଥିତ ବଣପଡ଼ାଠାରେ ବେଆଇନ ଚିଙ୍ଗୁଡ଼ି ଘେରିକୁ ଯୁଗ୍ମ କମିଟି ପରିଦର୍ଶନ କରିଛନ୍ତି।

## ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ

**ମହାକାଳପଡ଼ା,୧୭।୧୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଶାସନ ପେଟା ବନ ବିଭାଗ କାର୍ଯ୍ୟାଳୟ ସନ୍ନିକଟ ବଣପଡ଼ାଠାରେ ୬୪ ଏକର ପରିମିତ ଜମିରେ ଏକ ବୃହତ ଚିଙ୍ଗୁଡି ପ୍ରକଳ୍ପ ନିର୍ମିତ ହୋଇଛି। ପୂର୍ବରୁ ଏହି ପ୍ରକଳ୍ପ ବନ୍ଦ କରିବା ପାଇଁ ବନ ବିଭାଗ, ରାଜସ୍ୱ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ନୋଟିସ କରାଯାଇଥିଲା। ଯୁଗ୍ମ କମିଟି ପକ୍ଷରୁ ନୋଟିସକୁ ବେଖାତିର କରି ବେଆଇନି ଚିଙ୍ଗୁଡ଼ି ଘେରି ନିର୍ମାଣକାରୀ ସଂସ୍ଥା ଖୁଲମଖୁଲା ଭାବେ ମାଛ ଚାଷ କରୁଛନ୍ତି। ଖବରପାଇ ଗୁରୁବାର ପୂର୍ବାହ୍ନରେ ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର, ଅତିରିକ୍ତ ବନ ସଂରକ୍ଷକ ପୁନମ ହୀରା ହାଁସଦା, ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଗହୀରମଥା ରେଞ୍ଜ ଅଧିକାରୀ ମାନସ କୁମାର ଦାସ, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର, ଗଗୁଆ ସର୍କଲର ରାଜସ୍ୱ ନିରୀକ୍ଷକ ପବିତ୍ର ବେହେରା, ମତ୍ସ୍ୟ ବିଭାଗ ଟେକ୍‌ନିସିଆନ ଅକ୍ଷୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ତଦନ୍ତ କମିଟି କ୍ଷେତ୍ର ପରିଦର୍ଶନ କରି ଘେରି ନିର୍ମାଣାଧୀନ ସଂସ୍ଥାକୁ ତାଗିଦ କରିଥିଲେ। ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଘେରି ଉଚ୍ଛେଦ କରି ଉକ୍ତ ଜମିରେ ବ୍ୟାପକ ପରିମାଣରେ ବୃକ୍ଷରୋପଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ନିଲମ୍ବିତ ଡିଲରଙ୍କଠାରୁ ୧.୨୮ ଲକ୍ଷ ଆଦାୟ ନିର୍ଦ୍ଦେଶ

**ଚଣ୍ଡିଖୋଲ,୧୭।୧୧(ଡି.ଏନ୍.ଏ.):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣ ପଞ୍ଚାୟତ କୋଲସାହି ଗ୍ରାମର ନିଲମ୍ବିତ ଡିଲର ଅକ୍ଷୟ କୁମାର ପଣ୍ଡାଙ୍କଠାରୁ ସେ ଆତ୍ମସାତ କରିଥିବା ସାମଗ୍ରୀର ମୂଲ୍ୟ ବାବଦକୁ ୧ ଲକ୍ଷ ୨୮ ହଜାର ୩୬୭ ଟଙ୍କା ଆଦାୟ ପାଇଁ ଯାଜପୁର ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା ୭ ଦିନ ମଧ୍ୟରେ ସରକାରୀ ତହବିଲରେ ପୈଠ କରିବାକୁ ଡିଲର ପଣ୍ଡାଙ୍କୁ କୁହାଯାଇଛି।

ସୂଚନା ମୁତାବକ, ପଣ୍ଡା ଡିଲର ଥିବା ସମୟରେ ୨୦୨୦ ଜାନୁୟାରୀଠାରୁ ୨୦୨୧ ନଭେମ୍ବର ପର୍ଯ୍ୟନ୍ତ ୧୨ ଜଣ ହିତାଧିକାରୀଙ୍କ ପିଡିଏସ୍ ସାମଗ୍ରୀ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ତାଙ୍କୁ ନିଲମ୍ବନ କରାଯିବା ସହ ଡେପୁଟି କଲେକ୍ଟର ୨୫।୦୧।୨୦୨୨ରେ ତଦନ୍ତ କରି ଏ ସମ୍ପର୍କରେ ଯାଜପୁର ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ପରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ବ୍ଲକ ଯୋଗାଣ ଅଧିକାରୀଙ୍କୁ ସେପ୍ଟେମ୍ବର ୨୭ରେ ଆତ୍ମସାତ ହୋଇଥିବା ପିଡିଏସ୍ ସାମଗ୍ରୀର ମୂଲ୍ୟ ଆକଳନ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏଥିରେ ଚାଉଳ, ଗହମ ଓ କିରୋସିନର ମୂଲ୍ୟ ୧ ଲକ୍ଷ ୨୮ ହଜାର ୩୬୭ ଟଙ୍କା ବୋଲି ଦର୍ଶାଇଥିଲେ। ଉକ୍ତ ରିପୋର୍ଟକୁ ଭିତ୍ତିକରି ଉପଜିଲାପାଳ ତାଙ୍କ ପତ୍ର ସଂଖ୍ୟା ୧୦୬୯ରେ ଚିଠି ଲେଖି ତୁରନ୍ତ ଟଙ୍କା ପୈଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ବ୍ଲକରେ ଚାଉଳ, ଗହମ ଓ କିରୋସିନ ପ୍ରଦାନରେ ବ୍ୟାପକ ଅନିୟମିତତା ହେଉଛି, ଯାହାର ଫଳସ୍ୱରୂପ ଏଭଳି ଅବସ୍ଥା ଦେଖାଦେଇଛି ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି।

# ଜାତୀୟ ଖୋ-ଖୋରେ ଜଗତ୍‌ସିଂହପୁରର ୪ ଖେଳାଳି

**ଜଗତ୍‌ସିଂହପୁର ଅଫିସ, ୧୭।୧୧**

ପୁରୀଜିଲାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ଜଗତ୍‌ସିଂହପୁର ଜିଲା ମହିଳା ଓ ପୁରୁଷ ଦଳ ଯଥାକ୍ରମେ ୪ର୍ଥ ଓ ୩ୟ ସ୍ଥାନ ଅଧିକାର କରିଛି । ଆସନ୍ତା ୧୯ ତାରିଖରେ ମହାରାଷ୍ଟ୍ରରେ ହେବାକୁ ଥିବା ଜାତୀୟସ୍ତର ଖୋ-ଖୋ ପ୍ରତିଯୋଗିତାରେ ଓଡ଼ିଶା ଦଳରେ ଜଗତ୍‌ସିଂହପୁର ଜିଲାର ୪ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଦଳରେ ସ୍ମରଣିକା ସାହୁ, ସସ୍ମିତା ନାଥଶର୍ମା ଓ ପୁରୁଷ ଦଳରେ ଦେବେନ୍ଦ୍ର ନାଥ ଏବଂ ନିରଞ୍ଜନ ସାମଲ ରହିଛନ୍ତି । ଏହା ଜିଲା ପାଇଁ ଆଉ ଏକ ଖୁସି ଆଣି ଦେଇଥିବା ଜିଲା କ୍ରୀଡା ସମ୍ପାଦକ ଦୋଳଗୋବିନ୍ଦ ଦାସ ସୂଚନା ଦେଇଛନ୍ତି।

# ସର୍ବଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ଆରମ୍ଭ




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ପାରାଦୀପ,୧୭।୧୧(ସ୍ୱ.ପ୍ର.)**

ପାରାଦୀପସ୍ଥିତ ଜୟଦେବ ଭବନରେ ଗୁରୁବାର ସର୍ବଭାରତୀୟ ବୃହତ୍‌ବନ୍ଦର ସାଂସ୍କୃତିକ ସମାରୋହ ଆରମ୍ଭ ହୋଇଛି। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର ୯ଟି ବୃହତ୍‌ବନ୍ଦରର ୨୦୦ରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିଛନ୍ତି। ମେଜରପୋର୍ଟ ସ୍ପୋର୍ଟସ କାଉନସିଲ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କୋଷ୍ଟଗାର୍ଡ ଡିଆଇଜି ୱାଇ.କେ. ସିଂ ସାଂସ୍କୃତିକ ସମାରୋହ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ବନ୍ଦର ଲେଡିଜ କ୍ଲବ ଉପସଭାପତି ସୁଚିସ୍ମିତା ବୋଷ, ସାଙ୍ଗଠନିକ ଅଧ୍ୟକ୍ଷ ଡି.ଏନ. ସୋଣ୍ଡି, ଦୀପକ ରଥ, ଡାକ୍ତର ଦୁର୍ଗାପ୍ରସାଦ ସେଠୀ ଓ ରଞ୍ଜନ ରଶ୍ମି ବେଉରା ପ୍ରମୁଖ ସଞ୍ଚାଳନ କରିଥିଲେ।

# ବିଦ୍ୟାଳୟର ତାଲା ଖୋଲୁନି, ଏଲ୍‌ଆର୍‌ପି ପରୀକ୍ଷା ବନ୍ଦ

**ବାଲିକୁଦା,୧୭।୧୧(ସ୍ୱ.ପ୍ର.):**

ଶିକ୍ଷକ ବଦଳିକୁ ନେଇ ବାଲିକୁଦା ବ୍ଲକ କୁସୁପୁର ପଞ୍ଚାୟତ ଖଡ଼ିକା ଦଣ୍ଡା ଉପ୍ରା ବିଦ୍ୟାଳୟ ଫାଟକରେ ଗତ ଶନିବାରଠାରୁ ଅଭିଭାବକମାନେ ତାଲା ପକାଇ ଦେଇଛନ୍ତି। ସମସ୍ୟାର ସମାଧାନ ହୋଇ ନ ଥିବାରୁ ଗୁରୁବାରରେ ବିଦ୍ୟାଳୟ ହେବାକୁ ଥିବା ଏଲଆରପି (ଲର୍ଣ୍ଣିଂ ରିକଭରି ପ୍ରୋଗ୍ରାମ) ପରୀକ୍ଷା ବନ୍ଦ ହୋଇଯାଇଛି। ଏହାସତ୍ତ୍ୱେ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାରଠାରୁ ୩ ଦିନ ପର୍ଯ୍ୟନ୍ତ ଏହି ପରୀକ୍ଷା ହେବ। ତୃତୀୟ ଶ୍ରେଣୀ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏଥିରେ ସାମିଲ ହେବେ । ମାତ୍ର ଖଡ଼ିକା ଦଣ୍ଡା ଉପ୍ରା ବିଦ୍ୟାଳୟରେ ତାଲା ପଡିଥିବା ଯୋଗୁ ଏହି ପରୀକ୍ଷା ବନ୍ଦ ହୋଇଯାଇଛି। ଶିକ୍ଷକମାନେ କାର୍ଯ୍ୟକୁ ଆସିଥିଲେ ମଧ୍ୟ ତାଲା ନ ଖୋଲିବାରୁ ଫେରିଯିବାକୁ ବାଧ୍ୟ ହୋଇଛନ୍ତି। ଏଠାରୁ ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରି ନିଆଯିବା ପରେ ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ କାଳ ହେବ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଏନେଇ ବିଜ୍ଞାନ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଏହି ପଦବୀ ପୂରଣ ପାଇଁ ଅଭିଭାବକମାନେ କରିଛନ୍ତି।

# ଯୁବପିଢ଼ି ପୁସ୍ତକ ପଠନରୁ ଦୂରେଇ ଯାଉଛନ୍ତି

## ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପିତ

**ଧର୍ମଶାଳା,୧୭।୧୧(ଡି.ଏନ.ଏ.):**

ଧର୍ମଶାଳା ସାଧାରଣତନ୍ତ୍ର ପାଳନ କମିଟି ପକ୍ଷରୁ ବାଣୀପୀଠ ପଡ଼ିଆରେ ଚାଲିଥିବା ୫ମ ଧର୍ମଶାଳା ପୁସ୍ତକ ମେଳା ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କମିଟି କାର୍ଯ୍ୟକାରୀ ସଭାପତି ତଥା ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ରୋଡ୍ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଞ୍ଜୟ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବ୍ୟାସନଗର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସହକାରୀ ଆରକ୍ଷୀ କମିଶନର କଟକ ଅମିତାଭ ମହାପାତ୍ର ଓ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଯୋଗଦେଇ ଶିକ୍ଷିତ ଯୁବପିଢ଼ି ପୁସ୍ତକ ପଠନ ଓ ସାହିତ୍ୟଠାରୁ ଦୂରେଇ ଯାଉଛନ୍ତି, ଯାହା ସମାଜ ପକ୍ଷରେ କ୍ଷତିକାରକ। ତେଣୁ ଏମାନଙ୍କୁ ସାହିତ୍ୟ ସହିତ ଯୋଡ଼ିବାକୁ ହେବ। ପାଠ୍ୟ ପୁସ୍ତକ ବ୍ୟତୀତ ଅଭିଭାବକ ପିଲାଙ୍କୁ ମନଛୁଆଁ ପୁସ୍ତକ ପଢ଼ିବାକୁ ଦେଲେ ସେମାନଙ୍କ ପଠନ ଅଭ୍ୟାସ ବୃଦ୍ଧି ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ରାକେଶ କୁମାର ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ପାଦକୀୟ ବିବରଣୀ କାର୍ଯ୍ୟକାରୀ ସମ୍ପାଦକ ନିଗମାନନ୍ଦ ବିଶ୍ୱାଳ ପାଠ କରିଥିଲେ। ସାହିତ୍ୟିକ ଅର୍ଜୁନ ପୁଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମନୋଜ କୁମାର ରଣା ମଞ୍ଚ ଆମନ୍ତ୍ରଣ କରିଥିଲେ। କମିଟି ସଭ୍ୟମାନେ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜୟପ୍ରକାଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମରେ ଧର୍ମଶାଳା ବାଣୀପୀଠ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜାରକା ହାଇସ୍କୁଲ, ଚୋରମୁହାଁ ଉ.ପ୍ରା. ବିଦ୍ୟାଳୟ, ମଧୁକେଶ୍ୱର ବିଦ୍ୟାପୀଠ କଣ୍ଟିଗଡ଼ିଆର ଛାତ୍ରୀଛାତ୍ର ଓ ପ୍ରଜାପିତା ବ୍ରହ୍ମାକୁମାରୀ ଜାରକାର ଭଉଣୀମାନେ ଅଂଶଗ୍ରହଣ କରିଥିଲେ। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପୁସ୍ତକ ମେଳା ୬ ଦିନ ବ୍ୟାପୀ ଚାଲିଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ବିଭିନ୍ନ କିସମର ପୁସ୍ତକ ବିକ୍ରି ହୋଇଥିଲା। ମେଳାରେ ଚିତ୍ରୋତ୍ପଳା ପବ୍ଲିକେଶନ, ସାଇଯମୁନା, କାହାଣୀ, ଏନ୍‌ବିଟି, ଜେ.କ୍ରିଷ୍ଣମୂର୍ତ୍ତି ପ୍ରମୁଖ ପ୍ରକାଶନର ପୁସ୍ତକ ଏଠାରେ ଉପଲବ୍ଧ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଶହଶହ ପାଠକ ଏଠାକୁ ଆସି ନିଜ ପସନ୍ଦର ପୁସ୍ତକ ପ୍ରାପ୍ତ କରିବାର ସୁଯୋଗ ପାଇଥିଲେ। କମିଟି ପକ୍ଷରୁ ବିବେକାନନ୍ଦ ନାୟକ, ସବ୍ୟସାଚୀ ବେହେରା, ଇନ୍ଦ୍ରମଣି ମହାନ୍ତି, ବ୍ରଜକିଶୋର ଦାଶ, ପ୍ରମୋଦ ସାମଲ, କୈଳାସ ମଲ୍ଲିକ, କସ୍ତୁରୀ ଚରଣ ଜେନା, ମୁନା ଖାଁ ଓ ମଦନ ମୋହନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଚୋରି ଘଟଣାରେ ଏସ୍‌ପିଙ୍କ ଅନୁଧ୍ୟାନ

ପାତ୍ରପୁର,୧୭।୧୧(ଡି.ଏନ.ଏ)-ଜରଡା ଥାନା ପାତ୍ରପୁର ତଳ ବସଷ୍ଟାଣ୍ଡରେ ଥିବା ଶୁଭମ ଷ୍ଟୋରରୁ ସୋମବାର ରାତିରେ ଦୋକାନ କବାଟ ତାଡ଼ି ୩ ଶହରୁ ଉର୍ଦ୍ଧ୍ୱ ମୋବାଇଲ ଚୋରି ହୋଇଥିଲା। ଚୋରି ସମ୍ପର୍କରେ ଜରଡା ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି। ଗୁରୁବାର ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣ ବିବେକ ଏମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଦୋକାନ ମାଲିକଙ୍କ ସହିତ ଆଲୋଚନା କରିବା ସହିତ କେଉଁ ରାସ୍ତା ଦେଇ ଚୋରମାନେ ଜିନିଷ ନେଇଛନ୍ତି ଓ ମୋବାଇଲ ଖୋଳ ଚାର୍ଜର ଫିଙ୍ଗିବା ସ୍ଥାନ ବୁଲି ଦେଖିଥିଲେ। ପରେ ଏସପି ପାତ୍ରପୁର କୋର୍ଟରେ ପହଞ୍ଚି ବିଭିନ୍ନ ସୁବିଧା ଅସୁବିଧା ବୁଝିଥିଲେ। ବରିଷ୍ଠ ଓକିଲ ପ୍ରଫୁଲ୍ଲ କୁମାର ପ୍ରଧାନ କୋର୍ଟରେ ଖାଲି ପଡିଥିବା ସିଏସଆଇ ପଦବୀ ପୂରଣ ପାଇଁ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୟରେ ଡିଏସପି ପ୍ରଭାତ କୁମାର ମଲ୍ଲିକ, ଥାନା ଅଧିକାରୀ ସୁନୀଲ ବେହେରା ଉପସ୍ଥିତ ଥିଲେ।

### ବିଦ୍ୟୁତ୍ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ

ଆସିକା,୧୭।୧୧(ଡି.ଏନ.ଏ)- ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଣିପଡା ଗ୍ରାମରେ ବୁଧବାର ବିଦ୍ୟୁତ କର୍ମଚାରୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। କର୍ମଚାରୀମାନେ ଏହି ଗ୍ରାମକୁ ଘରୋଇ ବିଦ୍ୟୁତ ବ୍ୟବହାରକାରୀଙ୍କ ମିଟର ଯାଞ୍ଚ କରିବାକୁ ଯାଇଥିବା ବେଳେ ଗ୍ରାମର ବହୁ ବ୍ୟକ୍ତି ସେମାନଙ୍କୁ ଆକ୍ରମଣ କରିଥିଲେ । ଏପରକି ବିଭାଗୀୟ କର୍ମଚାରୀଙ୍କ ଠାରୁ ଅଫିସ କାଗଜ ପତ୍ର ଛଡାଇ ନେଇ ଯାଞ୍ଚ ବନ୍ଦ କରିବାକୁ ବାଧ କରିଥିଲେ। ଘଟଣା ସମ୍ପର୍କରେ ବିଦ୍ୟୁତ ବିଭାଗର ଏନଫୋର୍ସମେଣ୍ଟ ଅଫିସର କ୍ଷିରୋଦ ଦାସ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫୩୮/୨୨ରେ ଉକ୍ତ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି । ଗୁରୁବାର କେତେଜଣ ଗ୍ରାମବାସୀଙ୍କୁ ଥାନାକୁ ଆଣି ଘଟଣା ସମ୍ପର୍କରେ ପଚରା ଉଚରା କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

### ଓଡ଼ିଶା ହାଉସିଂ ମିଶନ ଟିମ୍‌ର ଏନଏସି ପରିଦର୍ଶନ

ଜି.ଉଦୟଗିରି,୧୭।୧୧(ଡି.ଏନ.ଏ.)- ଜି.ଉଦୟଗିରି ଠାରେ ମଙ୍ଗଳବାର ଓଡିଶା ଅର୍ବନ ହାଉସିଂ ମିଶନର ଟିମ ଲିଡ଼ର ପାର୍ଥ ସାରଥୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆବାସ ଯୋଜନାର ହିତାଧିକାରୀ ମାନଙ୍କ ସହ ଏହାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ପରିଷଦ ସଭା ଗୃହରେ ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ରଙ୍କ ଅଧକ୍ଷତାରେ ରାଜ୍ୟ ପ୍ରତିନିଧି ଦଳଙ୍କ ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟ ପ୍ରତିନିଧି ଦଳଙ୍କ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଢଙ୍ଗୀ, ଉପାଧକ୍ଷ ସନ୍ତୋଷ କୁମାର ବାଘ, ସମସ୍ତ କାଉନସିଲର, କନିଷ୍ଠ ଯନ୍ତ୍ରୀ ସସ୍ମିତା ବେହେରା, ବରିଷ୍ଠ ସହାୟକ ସତ୍ୟ ପ୍ରକାଶ ମହାପାତ୍ର, ମୁକେଶ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଧାର୍ଯ୍ୟ ୭୮୬ ଆବାସ ଗୃହ ନିର୍ମାଣ ଲକ୍ଷ୍ୟଧାର୍ଯ୍ୟ ଯେପରି ପୂରଣ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

### ଏସ୍‌ଏଚ୍‌ଜି ସଭ୍ୟାଙ୍କୁ ତାଲିମ

ଶେରଗଡ,୧୭।୧୧(ଡି.ଏନ.ଏ.)ଶେରଗଡ ବ୍ଲକ ସଭାଗୃହରେ ଗୁରୁବାର ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ତାଲିମ ପ୍ରଦାନ କରାଯାଇଥିଲା। ଜୀବିକା ମିଶନ ସେଲ ପକ୍ଷରୁ ଆୟୋଜିତ ଏହି ତାଲିମ ଶିବିରକୁ ବିଡ଼ିଓ ଶିବାଷିଶ ବରାଳ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ତଥା ସଂଚାଳିକା ବନିତା ସାହୁ ଗୋଷ୍ଠୀଙ୍କ ସହଭାଗିତା, ପ୍ରକଳ୍ପ ପରିଚାଳନା କରିବା ଜ୍ଞାନ, ରେକର୍ଡ ପରିଚାଳନା ଉପରେ ଗୋଷ୍ଠୀ ସଭ୍ୟାମାନଙ୍କୁ ବୁଝାଯାଇଥିଲା।

# ୨୦ରୁ ଧାନକିଣା ଆରମ୍ଭ

**ଫୁଲବାଣୀ ଅଫିସ, ୧୭।୧୧**



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଚଳିତ ଖରିଫ ଧାନ ଚାଷ ପାଇଁ କନ୍ଧମାଳ ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଏଥିରେ ଅଧ୍ୟକ୍ଷତା କରିଥିଲେ । ଯେଉଁ ମଣ୍ଡି ଗୁଡ଼ିକର ନିର୍ମାଣ କାର୍ଯ୍ୟ ଅଧାରେ ପଡ଼ିରହିଛି ସେଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ସଂପୃକ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ମଣ୍ଡି ଗୃହ ଗୁଡ଼ିକୁ ଏଭଳି ଭାବରେ ତିଆରି କରିବା ଦରକାର ଯେପରିକି ଧାନ କିଣା ପରେ ପରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କ କାମରେ ଲାଗିପାରିବ। ଆବଶ୍ୟକ ପଡ଼େ ତେବେ ଅତିରିକ୍ତ ମିଲର୍‌ଙ୍କ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଗତବର୍ଷ ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଅଧିକ ଧାନ କ୍ରୟ କରାଯାଇଥିଲେ ବି କେତେଗୁଡ଼ିଏ ଚାଷୀଙ୍କର ଧାନ ବିକ୍ରୟ ହୋଇପାରି ନାହିଁ। ସେଥିପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ଗତଥର ଲଣ୍ଡାଗାଁ ଚାଷୀମାନଙ୍କର ଧାନ ବିକ୍ରୟ ନ ହୋଇ ରହିଯାଇଛି। ତେଣୁ ଜିଲାରେ ଆଉ ଜଣେ ମିଲର୍‌ଙ୍କର ଆବଶ୍ୟକତା ରହିଛି। ଲଣ୍ଡାଗାଁରେ ରବି ଫସଲ ପାଇଁ ମଣ୍ଡି ଖୋଲିବାକୁ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ କହିଥିଲେ। ବେସାମରିକ ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ ଚଳିତ ବର୍ଷର ଧାନ କ୍ରୟ ପାଇଁ ସରକାରଙ୍କ ଯୋଜନା ସବୁ କ'ଣ ରହିଛି ଏବଂ କନ୍ଧମାଳ ଜିଲା ପ୍ରଶାସନ କେଉଁ ବ୍ୟବସ୍ଥା କରିଛି ସେ ବିଷୟରେ ସୂଚନା ଦେଇଥିଲେ। ଧାନ କ୍ରୟରେ ଅସୁବିଧା ନ ହେବା ପାଇଁ ନୋଡାଲ ଅଫିସର ନିଯୁକ୍ତି ହେବା ସହିତ ଜିଲା ବେସାମରିକ ଯୋଗାଣ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଅଧିକ ମଣ୍ଡି ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଆବେଦନ କଲେ ତାହା କୃଷି ବିଭାଗକୁ ଜଣାଇ ଦିଆଯିବ। ସେହିପରି ଟୋକନ୍‌ଗୁଡ଼ିକୁ ପ୍ରଦର୍ଶନ କରାଯିବା ସହିତ ଫାର୍ମର କମିଟିକୁ ଜଣାଇ ଦିଆଯିବ। ବିକ୍ରୟ ପାଇଁ ଅସିଥିବା ଧାନକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ରଖିବା ପାଇଁ ବ୍ୟବସ୍ଥା କରାଯିବ। ଗତବର୍ଷ ୩୯୧୧ଜଣ ଚାଷୀ ପିକୃତ ହୋଇଥିବା ବେଳେ ଚଳିତ ବର୍ଷ ୪୩୩୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସମସ୍ତଙ୍କ ନିଷ୍ପତିକ୍ରମେ ଚଳିତ ବର୍ଷ ଡିସେମ୍ବର ୨୦ରୁ ବାଲିଗୁଡ଼ା ଉପଖଣ୍ଡରୁ ଧାନ କ୍ରୟ କରିବା ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି । ସେହିପରି ୨୭ରୁ ଫୁଲବାଣୀ ଉପଖଣ୍ଡରୁ ଧାନ କ୍ରୟ ହେବ । ବୈଠକରେ ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ, ଉପ ଜିଲାପାଳ ଶେଷଦେବ ମିଶ୍ର, ଫାର୍ମର ପ୍ରତିନିଧି, ମିଲର୍, ନିୟନ୍ତ୍ରିତ ବଜାର କମିଟି ଗୁଡ଼ିକର ସମ୍ପାଦକ, ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଶିଶୁକନ୍ୟାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଆସିକା,୧୭।୧୧(ଡି.ଏନ.ଏ)**

ଆସିକା ଥାନା ଅଞ୍ଚଳରେ ସାଢେ ୩ ବର୍ଷର ଏକ ଶିଶୁକନ୍ୟାଙ୍କୁ ଅସଦାଚରଣ ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ନୀଳକଣ୍ଠ ବେହେରା (୪୩) । ତାଙ୍କ ବିରୋଧରେ ଆସିକା ଥାନାରେ ନଂ.୭୯୭/୨୨ରେ ମାମଲା ରୁଜୁ କରାଯାଇଛି । ଶିଶୁକନ୍ୟା ଓ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବଡମେଡିକାଲରେ ଡାକ୍ତରୀ ମାଇନା କରାଯିବା ସହ ପୀଡିତା ଶିଶୁଙ୍କ ବୟାନ ରେକର୍ଡ କରାଯାଇଛି । ଅଭିଯୁକ୍ତଙ୍କୁ ଗୁରୁବାର ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଆସିକା ଅଞ୍ଚଳର ଏକ ଗ୍ରାମରୁ ଦୁଇ ଶିଶୁ ଭଉଣୀ ଭାଇ ଅଟୋ ଯୋଗେ ବିଦ୍ୟାଳୟକୁ ଯାତାୟତ କରୁଥିଲେ । ଅଭିଯୁକ୍ତ ନୀଳକଣ୍ଠ ସେହି ଅଟୋରେ ବସି ଶିଶୁକନ୍ୟାଙ୍କ ପ୍ରତି ଅସଦାଚରଣ କରି ଆସୁଥିଲେ । ଏ ସମ୍ପର୍କରେ ଶିଶୁ କନ୍ୟାଙ୍କ ମା' ଆସିକା ପୋଲିସରେ ଅଭିଯୋଗ କରିଥିଲେ।

# ମହିଳା ଆଇନଜୀବୀଙ୍କ ସମେତ ୫ ଜଣଙ୍କୁ ଆକ୍ରମଣ

## ଅଭିଯୁକ୍ତ ଗିରଫ ନ ହେଲେ ବାର୍ ଆସୋସିଏଶନର ଆନ୍ଦୋଳନ

**ଭଞ୍ଜନଗର,୧୭।୧୧(ଡ଼ି.ଏନ.ଏ)**

ଭଞ୍ଜନଗର ବାର୍ ଆସୋସିଏଶନର ବରିଷ୍ଠ ମହିଳା ଆଇନଜୀବୀ ଅଭାଙ୍ଗିନୀ ବିଷୋୟୀ, କୋର୍ଟର ଅବସରପ୍ରାପ୍ତ ଏସ୍‌ଆଇ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସମେତ ୫ଜଣଙ୍କୁ ବୁଧବାର ରାତିରେ କେତେଜଣ ଯୁବକ ଆକ୍ରମଣ କରିଛନ୍ତି। ଏଥିରେ ରାଜେନ୍ଦ୍ରଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବାର୍ ଆସୋସିଏଶନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଗୁରୁବାର ଅନୁଷ୍ଠିତ ବାର୍ ଆସୋସିଏଶନ ବୈଠକରେ ଦାବି କରାଯାଇଛି। ପୋଲିସ ଟାଳଟୁଳ ନୀତି ଅବଲମ୍ବନ କଲେ ବାର୍ ଆସୋସିଏଶନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ସନ୍ତୋଷ କୁମାର ନାୟକ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ଥାନାକୁ ଯାଇ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି ।

ବୁଧବାର ରାତି ପ୍ରାୟ ୧୦ଟାରେ ଭଞ୍ଜନଗର କଳିଙ୍ଗନଗର ଦ୍ୱିତୀୟ ଲାଇନ ବାସିନ୍ଦା ଅଜିତ କୁମାର ସେଠୀ ନାହାଡୋଟାସାହି ଆଡ଼େ କୌଣସି କାମରେ ଯାଇଥିଲେ । ଏହି ସମୟରେ କେତେଜଣ ଯୁବକ କୌଣସି କଥାକୁ ନେଇ ତାଙ୍କ ସହ ବଚସା କରିବା ସହ ପରେ ଆକ୍ରମଣ କରିଥିଲେ। ଅଜିତ୍ ନିଜକୁ ବଞ୍ଚାଇବାକୁ ଆଇନଜୀବୀ ଅଭାଙ୍ଗିନୀଙ୍କ ଘରକୁ ଚାଲି ଆସିଥିଲେ। ଅଭାଙ୍ଗିନୀଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣି ସାହିବାସିନ୍ଦାଙ୍କୁ ଡ଼ାକିବାରୁ ସେମାନେ ଫେରାର ହୋଇଯାଇଥିଲେ। ପରେ ଅଜିତ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଅଜିତଙ୍କୁ ଅଭାଙ୍ଗିନୀ ଆଇନ ସହାୟତା ଯୋଗାଇଥିବା ସନ୍ଦେହ କରି ଅଭିଯୁକ୍ତମାନେ ପୁଣି ଆସି ତାଙ୍କ ଘରେ ପଶି ୨ଟି ବାଇକ୍‌କୁ ଭାଙ୍ଗି ଦେଇଥିଲେ । ପ୍ରତିବାଦ କରିବାରୁ ସେମାନେ ଅଭାଙ୍ଗିନୀ, ତାଙ୍କ ଭାଇ ଦୁଃଖୀଶ୍ୟାମ, ଭାଉଜ ସୁଜତାଙ୍କୁ ଆକ୍ରମଣ କରିଥିଲେ। ଅଭାଙ୍ଗିନୀଙ୍କ ଘର ନିକଟରେ ରହୁଥିବା ସିଏସ୍‌ଆଇ ପଣ୍ଡାଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗକ୍ରମେ ଦୁଇଟି ମାମଲା ୬୨୨,୬୨୩ /୨୨ରେ ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ପୋଲିସ ସୂଚନା ଦେଇଛି। ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ ଅଭାଙ୍ଗିନୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ଅଭିଯୁକ୍ତଙ୍କୁ ଗିରଫ ନହେଲେ ଆଇନଜୀବୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

## ରବୀନ୍ଦ୍ର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି



ନବ ନିର୍ବାଚତ ସଭାପତିଙ୍କ ସହ ଅନ୍ୟମାନେ।

**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଭାବେ ବିଜେଡି ସମର୍ଥିତ ପ୍ରାର୍ଥୀ ରବୀନ୍ଦ୍ର ନାଥ ସାହୁ ନିର୍ବାଚିତ ହୋଇଛନ୍ତି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପଦବୀ ନିମନ୍ତେ ରବୀନ୍ଦ୍ର ଶୁକ୍ରବାର ଉପଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ତାଙ୍କ ସହିତ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଉପସ୍ଥିତି ଥିଲେ । ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିଲେ । ଫଳରେ ନିର୍ବାଚନ ଅଧିକାରୀ ତଥା ଉପ-ଜିଲାପାଳ ଶକ୍ତିକାନ୍ତ ରାୟ ରବୀନ୍ଦ୍ରଙ୍କୁ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରିଥିଲେ । ପରିଚାଳନା ପରିଷଦର ସଭାପତି ଭାବେ ସେ ନିର୍ବାଚିତ ହୋଇଥିବାରୁ ତାଙ୍କ ସମର୍ଥକମାନଙ୍କୁ କୃତଜ୍ଞତା ଜଣାଇବା ସହ ବ୍ୟାଙ୍କର କିପରି ଉନ୍ନତି ହେବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି । ଚାଷୀଙ୍କ ଉନ୍ନତି ନିମନ୍ତେ କାମ କରିବେ ବୋଲି ସେ ସୂଚନା ଦେଇଛନ୍ତି ।

## ବାଲ୍ୟବିବାହ ସଚେତନତା ଶୋଭାଯାତ୍ରା



**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ଼ ଚାଇଲ୍ଡ ଲାଇନ ତରଫରୁ ମୁଠାଗାଡ଼ିଆ ପାଞ୍ଚୟତର ସୁବର୍ଣ୍ଣଦେଇପୁର ଗ୍ରାମରେ ବାଲ୍ୟ ବିବାହ ନିରୋଧ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଠାଗାଡ଼ିଆ ପଞ୍ଚାୟତର ସରପଞ୍ଚ ସୁଶାନ୍ତ ପ୍ରଧାନ ଓ ସମିତି ସଭ୍ୟ ଦିଲ୍ଲୀପ କୁମାର ହାତୀ ମିଳିତ ଭାବେ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରାରେ ବାଳିକା,ବାଳକ ଓ ଗ୍ରାମର ୱାର୍ଡ ମେମ୍ବର, ଗ୍ରାମବାସୀ ସାମିଲ ହୋଇଥିଲେ । ଶୋଭାଯାତ୍ରା ଗ୍ରାମ ପରିକ୍ରମା ସମୟରେ ବାଲ୍ୟ ବିବାହ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଅନ୍ୟପକ୍ଷେ ଚାଇଲ୍ଡ ଲାଇନ ଦୋସ୍ତି କାର୍ଯ୍ୟକ୍ରମ ୧୪ରୁ ଆରମ୍ଭ କରାଯାଇ ୨୦ ତାରିଖରେ ଶେଷ ହେବ। ଏହି କାର୍ଯ୍ୟକ୍ରମ ନୟାଗଡ଼, ନୂଆଗାଁ, ଖଣ୍ଡପଡ଼ା ବ୍ଲକରେ ହେବ । ଏହାଦ୍ୱାରା ସମସ୍ତ ବର୍ଗର ଲୋକ ଓ ପିଲାମାନେ କିପରି ଅଧିକରୁ ଅଧିକ ମାତ୍ରାରେ ଯୋଡି ହୋଇ ପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି।

# ଡିଜିଟାଲ ହେବେ ଗଜପତିର ଚାଷୀ

**ପାରଳାଖେମୁଣ୍ଡି,୧୭।୧୧(ଡି.ଏନ.ଏ)**

ଏଣିକି ଗଜପତି ଜିଲାର ଚାଷୀ ନିଜ ଉତ୍ପାଦିତ ଶସ୍ୟର ଅମଳ ବୃଦ୍ଧି କରିପାରିବେ । ସୋଆ ବିଶ୍ୱବିଦ୍ୟାଳୟ ଓ ଭୋଡାଫୋନ କମ୍ପାନୀର ମିଳିତ ଉଦ୍ୟମରେ କୃଷି ସମ୍ବନ୍ଧୀୟ ସମସ୍ତ ସୂଚନା ଆଗୁଆ ଜାଣିପାରିବେ । ଯାହାଦ୍ୱାରା ଚାଷୀ ଏଣିକି ନିଜ କୃଷିକାର୍ଯ୍ୟ ସୁରୁଖୁରୁରେ କରି ପରିବା ସହ ଅମଳ ବୃଦ୍ଧି କରିପାରିବେ। ସୋଆ ବିଶ୍ୱବିଦ୍ୟାଳୟର କୃଷି ବିଶେଷଜ୍ଞମାନେ ଓ ଭୋଡାଫୋନ କମ୍ପାନୀର କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଆଡ଼ଭାନ୍ସ ରାଡାର ସିଷ୍ଟମ ପ୍ରସ୍ତୁତ କରାଯାଇଛି।ପରୀକ୍ଷାମୂଳକ ଭାବେ

### ଦୁଇ ବ୍ଲକରେ ଆଡ଼ଭାନ୍ସ ରାଡାର ସିଷ୍ଟମ କାର୍ଯ୍ୟକ୍ଷମ

ଜିଲାର ୨ ବ୍ଲକ ଗୁମ୍ମା ଓ ମୋହନାର ୪ଟି ସ୍ଥାନରେ ଏହା ଲଗାଯାଇଛି । ଗୁରୁବାରଠାରୁ ଏହା କାର୍ଯ୍ୟକ୍ଷମ ହୋଇଛି । ଏହି ରାଡ଼ାର ଦ୍ୱାରା ମାଟିର ଆଦ୍ରତା, ବୃଷ୍ଟିପାତ, ଫସଲରେ ରୋଗ ଲାଗିବା, ସମୟ ଅନୁସାରେ ଔଷଧ ଓ କୀଟନାଶକ ବ୍ୟବହାରର ସୂଚନା ସବୁକିଛି ତଥ୍ୟ ଚାଷୀ ଆଗୁଆ ଜାଣିପାରିବେ। ଚାଷ ଜମିର ସମସ୍ତ ସ୍ଥିତିର ସୂଚନା ପ୍ରଥମେ ରାଡ଼ାର ମାଧ୍ୟମରେ ସୋଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ନିକଟକୁ ଫୋଟ ଓ ଭିଡିଓ ପଠାଯିବ। ଏହା ପରେ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞମାନେ ଚାଷୀଙ୍କୁ ଯେ କୌଣସି ସ୍ଥିତି ଉପୁଜିଲେ ଚାଷୀଙ୍କୁ ଆଗୁଆ ସତର୍କ କରିପାରିବେ । ଯାହାଦ୍ୱାରା ଚାଷୀ ନିଜ ଶସ୍ୟକୁ ରୋଗପୋକ, ପ୍ରାକୃତିକ ବିପର୍ଯ୍ୟୟ ଆଦିରୁ ରକ୍ଷା କରିପାରିବ। ଏଥିସହ ଠିକ୍ ସମୟରେ ଉଚିତ ସାର, ଔଷଧ ଦେଇ ଅମଳ ବୃଦ୍ଧି କରିପାରିବ। ବୁଧବାର ସନ୍ଧ୍ୟାରେ ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ସଂଗ୍ରାମ କେଶରୀ ପଣ୍ଡା, ଏସ୍‌ପି ଜୟରାମ ଶତପଥୀ, ଜିଲା ପରିଷଦ ସଭାପତି ଜି. ତିରୁପତି ରାଓ, ସୋଆ ବିଶ୍ୱ ବିଦ୍ୟାଳୟରୁ ଆସିଥିବା ପ୍ରିୟବ୍ରତ ପଟ୍ଟନାୟକ ଓ ଭୋଡାଫୋନ ଫାଉଣ୍ଡେଶନର ଜିତେନ୍ଦ୍ର କୁମାରଙ୍କ ପ୍ରମୁଖଙ୍କ ଉପସ୍ଥିତିରେ ଆଲୋଚନା କରାଯିବା ସହ ସମୀକ୍ଷା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଦୁଇଟି ବ୍ଲକରେ ପରୀକ୍ଷା ମୂଳକ ଭାବେ ଇଣ୍ଡସ ଟାୱାର ସ୍ଥାପନ କରାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ବ୍ଲକରେ ଏହି ଟାୱାର ସ୍ଥାପନ କରାଯିବ ବୋଲି ଜିଲାପାଳ କହିଛନ୍ତି । ଯାହାକୁ ନେଇ ସ୍ଥାନୀୟ ଚାଷୀ ବେଶ ଉତ୍ସାହିତ ଅଛନ୍ତି ।

# ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ଲାଗି କର୍ମଶାଳା

**ଛତ୍ରପୁର,୧୭।୧୧(ଡି.ଏନ୍.ଏ.)**




ଉପସ୍ଥିତ ଅତିଥି ।

ୟୁଥ ଫର ସୋସିଆଲ ଡେଭଲପମେଣ୍ଟ ଓ ୟୁନିସେଫ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବୁଧବାର ଛତ୍ରପୁରସ୍ଥିତ ଡିପିସି ସମ୍ମିଳନୀ କକ୍ଷ ପରିସରରେ ଶିଶୁ ଅନୁକୂଳ ଗ୍ରାମ ପଞ୍ଚାୟତ ଗଠନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଗଞ୍ଜାମ ଜିଲାର ୭ ବ୍ଲକ ଯଥା ଛତ୍ରପୁର , ଗଞ୍ଜାମ, ଖଲ୍ଲିକୋଟ, ଚିକିଟି, ରଙ୍ଗେଇଲୁଣ୍ଡା, କୁକୁଡାଖଣ୍ଡି ଓ ଦିଗପହଣ୍ଡିରୁ ପାଖାପାଖି ୭୦ ଜଣ ଆଇସିଡିଏସ ସୁପରଭାଇଜର ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ରହିଥିଲେ ।ମୁଖ୍ୟ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟର ଜିଲା ପ୍ରକଳ୍ପ ଅଧିକାରୀ ଶରତ ମହାରଣା, ଅତିରିକ୍ତ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ସାଧନ ଚନ୍ଦ୍ର ଦାସ ଓ ଆକ୍ସନଏଡର ଜିଲା ସଂଯୋଜକ ବେଦବ୍ରତ ମାହନ୍ତ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ଏହି କର୍ମଶାଳାରେ ଗଞ୍ଜାମ ଜିଲାର ୧୪ଟି ଗ୍ରାମ ପଞ୍ଚାୟତକୁ ଶିଶୁ ଅନୁକୂଳ କରିବା ପାଇଁ ସମସ୍ତଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା । ବିଶେଷକରି ଶିଶୁ ମାନଙ୍କର ଅଧିକାରକୁ ସୁନିଶ୍ଚିତ କରିବା, ବିପଦ ଅବସ୍ଥାରେ ଥିବା ସମାଜର ବିଭିନ୍ନ ପରିବାର ଓ ଶିଶୁ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା , ସ୍ଥାନୀୟ ଶାସନ ବ୍ୟବସ୍ଥାରେ ଶିଶୁମାନଙ୍କର ଭାଗୀଦାରିତାକୁ ସୁନିଶ୍ଚିତ କରିବା ବିଷୟ ଉପରେ ଆଲୋଚନା କରାଯାଇଥିଲା । ଏହାସହ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ବିପଦ ସୂଚନା, ବିପର୍ଯ୍ୟୟ ସମୟରେ ଶିଶୁ ମାନଙ୍କର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଓ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ଶିଶୁମାନଙ୍କ ପାଇଁ ଜିଲାରେ ଉପଲବ୍ଧ ଥିବା ସରକାରୀ ଯୋଜନା ଓ ସେବା ଉପରେ ଆଲୋଚନା କରାଯାଇଥିଲା। ଶିଶୁ ଅନୁକୂଳ ଗ୍ରାମ ପଂଚାୟତ କରିବା ପାଇ ଆବଶ୍ୟକ ହେଉଥିବା ଯୋଜନା ପ୍ରସ୍ତୁତି ପ୍ରଣାଳି ବିଷୟରେ ଆଲୋଚନା କରାଯାଇଥିଲା । ଏହି କର୍ମଶାଳାକୁ ୟୁଥ ଫର ସୋସିଆଲ ଡେଭଲପମେଣ୍ଟର ପ୍ରକଳ୍ପ ସଂଯୋଜକ ଚନ୍ଦନ କୁମାର ସାହୁ , ବ୍ଲକ ସଂଯୋଜକ ବିପ୍ଳବ କୁମାର ବେହେରା , ବସନ୍ତ କୁମାର ମିଶ୍ର , ଚିନ୍ତାରଥୀ ପ୍ରଧାନ , ଲିପକ କୁମାର ବେହେରା , ଗୀତାଞ୍ଜଳୀ ପାଣିଗ୍ରାହୀ, ପୂର୍ଣ୍ଣିମା ଦେ ଓ ମଧୁସ୍ମିତା ମହାନ୍ତି ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ପ୍ରଶାସନ ଶୁଣିଲାନି: ରାସ୍ତା ମରାମତି କଲେ ଗ୍ରାମବାସୀ

**ପାରଳାଖେମୁଣ୍ଡି,୧୭।୧୧(ଡି.ଏନ.ଏ)**



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ମୋହନା ବ୍ଲକଠାରୁ ମାତ୍ର ୬କି.ମି. ଦୂର କର୍ଣ୍ଣବାଡି ପଞ୍ଚାୟତର ପାହାଡ଼ ପାଦଦେଶରେ ଅବସ୍ଥିତ ଡଙ୍ଗରୀଗାଁ ଗ୍ରାମକୁ ରାସ୍ତା ନାହିଁ। ପ୍ରଶାସନ ନିକଟରେ ବହୁବାର ଏହି ସମସ୍ୟା ଜଣାଇଥିଲେ ବି ସୁଫଳ ମିଳିଲାନି। ତେଣୁ ଗ୍ରାମବାସୀ ଗାଁ ରାସ୍ତା ନିଜେ ମରାମତି କରିଛନ୍ତି। ଡଙ୍ଗରୀଗାଁ ଯିବାକୁ ହେଲେ ଜାତୀୟ ରାଜପଥ ୩୨୬ରୁ ବି. ରାଇସିଙ୍ଗି ଛକ ପର୍ଯ୍ୟନ୍ତ ଯାନବାହନ ଯାତାୟାତ କରେ। ସେଠାରୁ ୩କିମି ରାସ୍ତା ନଥିବାରୁ ଗ୍ରାମବାସୀ ପାହାଡିଆ ରାସ୍ତାରେ ବିପଦସଙ୍କୁଳ ଅବସ୍ଥାରେ ଯା'ଆସ କରନ୍ତି। ଗ୍ରାମରେ ୩୦ ପରିବାର ରହୁଥିବା ବେଳେ ଲୋକ ସଂଖ୍ୟା ଦୁଇଶହରୁ ଉର୍ଦ୍ଧ୍ୱ । ଗାଁକୁ ରାସ୍ତା ନ ଥିବାରୁ ଘର ତିଆରି ସାମଗ୍ରୀ ଯାଇପାରେ ନାହିଁ। ତେଣୁ କାହାରି ବି ପକ୍କା ଘର ଖଣ୍ଡେ ହୋଇପାରିନି। ୨୦୧୯/୨୦ରେ ଗ୍ରାମରେ ପକ୍କା ଘର ନିର୍ମାଣ ପାଇଁ ୧୪ ଜଣଙ୍କ ନାମ ତାଲିକାରେ ଆସିଥିଲା। ହେଲେ ରାସ୍ତା ସମସ୍ୟା ଥିବାରୁ କେହି ଘର କରିପାରିନାହାନ୍ତି। ଗାଁରୁ ଛାତ୍ରୀଛାତ୍ର ୨ କିମି ଚାଲିଚାଲି ପାଠ ପଢିବା ପାଇଁ ରାଇସିଙ୍ଗି ଗ୍ରାମକୁ ଯାଆନ୍ତି। ରାସ୍ତା ନଥିବାରୁ ଗର୍ଭବତୀ ହୁଅନ୍ତୁ କିମ୍ବା ରୋଗୀ ଭାରରେ ୩ କିମି ଆସିବା ପରେ ଆମ୍ବୁଲାନ୍ସ ସେବା ମିଳିଥାଏ । ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ମୋହନା ବିଡିଓଙ୍କୁ ବହୁବାର ଅଭିଯୋଗ କରିଛନ୍ତି । ଏପରକି ଉପଜିଲାପାଳଙ୍କ ମଲିପଦର ଗସ୍ତ ସମୟରେ ମଧ ଦାବିପତ୍ର ପ୍ରଦାନ କରିଛନ୍ତି। ଅନେକ ଥର ଜିଲାପ୍ରଶାସନକୁ ଲିଖିତ ଅଭିଯୋଗ କରାଯାଇଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି । ତେଣୁ ଗ୍ରାମବାସୀ ଏକାଠି ହୋଇ ଗ୍ରାମ ରାସ୍ତା ମରାମତି କରିଛନ୍ତି। ତୁରନ୍ତ ଗ୍ରାମକୁ ସ୍ଥାୟୀ ରାସ୍ତା ନିର୍ମାଣ ନ ହେଲେ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେବୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ଗଣ୍ଡଗୋଳ ଘଟଣାରେ ୨ ମାମଲା ରୁଜୁ

**କଳିଙ୍ଗନଗର,୧୭।୧୧(ଡି.ଏନ.ଏ.):** ଏକ ଗଣ୍ଡଗୋଳ ଘଟଣାରେ ଟମକା ଥାନା ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଟମକା ଥାନା ଅନ୍ତର୍ଗତ ମାନପୁର ଗ୍ରାମର ଗୁଣମଣି ଜେନାଙ୍କ ପୁଅ ସରୋଜ କୁମାର ଜେନାଙ୍କୁ ଆକ୍ରମଣ ହୋଇଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ସେ ଗ୍ରାମ ଖେଳ ପଡ଼ିଆରେ ସାଙ୍ଗମାନଙ୍କ ସହ କ୍ରିକେଟ ଖେଳୁଥିବା ବେଳେ ସେହି ଗ୍ରାମର ଚିନ୍ତାମଣି ସାହୁ, ନିରଞ୍ଜନ ସେଠୀ, ଚଗଲୁ ବେହେରା ଓ ବାଇଜ ବେହେରା ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ। ସରୋଜଙ୍କ ବାପାମା' ସେଠାରେ ଉପସ୍ଥିତ ଥାଇ ମଧ କଛି କରି ପାରି ନ ଥିଲେ ବୋଲି ସରୋଜଙ୍କ ମା' ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ନିରଞ୍ଜନ ସେଠୀ ସରୋଜଙ୍କ ବିରୋଧରେ ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରି ସୁନା ଚେନ ଛଡ଼ାଇ ନେଇଥିବା ଅଭିଯୋଗ କରିଛନ୍ତି। ବୁଧବାର ସେ ଅଲେଖପୁର ଗ୍ରାମରୁ ଫେରୁଥିବା ବେଳେ ସରୋଜ ତାଙ୍କ ବାପାମା'ଙ୍କ ସହିତ ମିଶି ଏହି ଘଟଣା ଘଟାଇ ଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ଦୁହିଁଙ୍କ ଅଭିଯୋଗ ଆଧାରରେ ନଂ.୧୪୧/୨୨ ଓ ୧୪୨/୨୨ରେ ଦୁଇଟି ମାମଲା ରୁଜୁ କରିଛି।

### ଟ୍ରକ୍ ଧକ୍କାରେ ଓଡ଼ିଶା ଖଣି ନିଗମ ପାଚେରି ଭାଙ୍ଗିଲା

**କାଳିଆପାଣି,୧୭।୧୧ (ଡି.ଏନ.ଏ.)** ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳକୁ କ୍ରୋମାଇଟ୍ ପରିବହନ ପାଇଁ ଆସି ସିରିଏଲ ଭିତରେ ଭର୍ତ୍ତି କରୁଥିବା ସମୟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଓଡ଼ିଶା ଖଣି ନିଗମ ପାଚେରିରେ ଧକ୍କା ହୋଇଛି। ଫଳରେ ପାଚେରିର କିଛି ଅଂଶ ଭାଙ୍ଗିଯାଇଛି। ରାସ୍ତା ଅବରୋଧ କରି ଅଣଚଉଡ଼ା ସ୍ଥାନରେ ଚାଳକ ଟ୍ରକ୍ ଚୁଲାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖଣି ଭିତର ମୁକୁଳା ହୋଇ ରହିଛି। ଅନ୍ୟପକ୍ଷରେ ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ପାଇଁ ପ୍ରତିଦିନ ଅଞ୍ଚଳରେ ଧନ ଜୀବନ ନଷ୍ଟ ହେବାକୁ ଲାଗିଛି। ନିକଟରେ କଲରଙ୍ଗୀ ଢ଼ାବା ଛକରେ ଟ୍ରକ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଟ୍ରକ୍ ସିରିଏଲ କରିବା ପାଇଁ ଜିଏ ଯେଉଁଠି ପାଇଲା ରାସ୍ତା ଉପରେ ଟ୍ରକକୁ ଚୁଲାଇ ଗଳି କନ୍ଦିରେ ପୁରାଉ ଥିବା ଦେଖିବାକୁ ମିଳୁଛି। କ୍ରୋମାଇଟ ଲୋଡିଂ ପ୍ରତିଯୋଗିତାରେ ଟମକା ମଙ୍ଗଳପୁର ରାସ୍ତା ବିପଦପୂର୍ଣ୍ଣ ହୋଇଛି। ସାଧାରଣ ଲୋକ ଯାତାୟାତ ପାଇଁ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

# ଥାକରେ ବିରଜାକ୍ଷେତ୍ରକୁ ରେଳପଥ ସଂଯୋଗ

**ଯାଜପୁର ଅଫିସ,୧୭।୧୧**

- ପୁରୁଣା ରେଲଲାଇନକୁ ନେଇ ସର୍ଭେ ରିପୋର୍ଟ
- ପ୍ରସ୍ତାବିତ ନୂତନ ରେଲଷ୍ଟେଶନ, ଦିଗକୁ ଅଣଦେଖା
- ଏବେ ୬୬% ରେଳ ଚଳାଚଳ, ୮୦% ଊର୍ଦ୍ଧ୍ୱ ହେଲେ ନୂତନ ରେଲଲାଇନ




ପୂର୍ବତଟ ରେଳପଥ ଅଧୀନ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନଠାରୁ ଧାମରା ପର୍ଯ୍ୟନ୍ତ ଭାୟା ଯାଜପୁରକୁ ପ୍ରସ୍ତାବିତ ନୂତନ ରେଲଲାଇନ ପ୍ରକଳ୍ପକୁ ୨୦୧୮-୧୯ ବର୍ଷରୁ ଥାକରେ ରଖାଯାଇଛି।

ଯାଜପୁର-କେନ୍ଦୁଝର ରୋଡ୍‌ଠାରୁ ଭଦ୍ରକ ଦେଇ ଧାମରା ବନ୍ଦରକୁ ଯାଇଥିବା ରେଳଲାଇନର କ୍ଷମତା ଅନୁସାରେ ବର୍ତ୍ତମାନ ପରିପ୍ରେକ୍ଷୀରେ ନୂତନ ରେଳଲାଇନର ଆବଶ୍ୟକତା ନାହିଁ। ବର୍ତ୍ତମାନ କ୍ଷମତାଠାରୁ ୬୬% ଟ୍ରେନ ଚଳାଚଳ କରୁଛି। ବଳକା ଜମି ରହିଛି, କିନ୍ତୁ ଯେତେବେଳେ କ୍ଷମତାଠାରୁ ୮୦% ଟ୍ରେନ ଚଳାଚଳ ଅତିକ୍ରମ କରିବ ସେତେବେଳେ ଦୋହରୀକରଣ ରେଲଲାଇନ ନିର୍ମାଣ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ୧୦୪୩ କୋଟି ଟଙ୍କା ଖର୍ଚ୍ଚ କରି ସମାନ୍ତର ରେଳଲାଇନର ଆବଶ୍ୟକତା ନାହିଁ ବୋଲି ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ) ପକ୍ଷରୁ କୁହାଯାଇଛି। ସତ୍ୟପ୍ରକାଶ ବେହୁରିଆ ମାଗିଥିବା ୧୬।୧୧।୨୦୨୨ ତାରିଖର ସୂଚନା ଅଧିକାର ଆଇନ(ଆରଟିଆଇ)ତଥ୍ୟରେ ଏଭଳି ଉତ୍ତର ଜିଲାବାସୀଙ୍କୁ ବ୍ୟଥିତ କରିଛି। ସର୍ଭେ ଅନୁଯାୟୀ ଯାଜପୁର-କେନ୍ଦୁଝର ରୋଡ ରେଳ ଷ୍ଟେଶନଠାରୁ ରାମପୁର ଶଗଡି, ଯାଜପୁର, ଶ୍ରୀପୁରା, ମଙ୍ଗଳପୁର, ଆରଡି, ବିଶ୍ୱାଳି ଓ ଧାମରାକୁ ନୂତନ ଷ୍ଟେଶନ ପ୍ରସ୍ତାବ ରହିଛି। ଏହାକୁ ଅଣଦେଖା କରି ପୂର୍ବରୁ ରହିଥିବା ଭଦ୍ରକ ଦେଇ ରେଲଲାଇନ ଉପରେ ତଥ୍ୟ ପ୍ରଦାନ କରି ଭୁଆଁ ବୁଲାଯାଉଛି ବୋଲି ଅଭିଯୋଗ ହୋଇଛି।

ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନଠାରୁ ଧାମରା ଭାୟା ଯାଜପୁର ଓ ଆରଡି ପର୍ଯ୍ୟନ୍ତ ୯୫.୯୫୦ କିମି ନୂତନ ରାସ୍ତା ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୨-୧୩ରେ ସର୍ବେକ୍ଷଣ ହୋଇଥିଲା। ୨୦୧୫ ଏପ୍ରିଲରେ ରେଳ ମନ୍ତ୍ରଣାଳୟ ଅଧୀନ ରେଳବାଇ ବୋର୍ଡ଼ ନିକଟରେ ନଥିପତ୍ର ଦାଖଲ କରାଯାଇ ସାରିଛି। ଏହି ରେଳପଥ ନିର୍ମାଣ ପାଇଁ ୧୦୪୨.୬୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ମଧ ହୋଇଛି । ଉକ୍ତ ରେଳପଥ ନିର୍ମାଣ ହେଲେ ପୂର୍ବତଟ ରେଳପଥ ବର୍ଷକୁ ୨୭.୪୩ ପ୍ରତିଶତ ଲାଭବାନ ହେବ ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି । ଯାଜପୁରରେ ବିଶ୍ୱପ୍ରସିଦ୍ଧ କ୍ଷେତ୍ରେଶ୍ୱରୀ ମା'ବିରଜାଙ୍କ ଶକ୍ତିପୀଠ ଥିବାବେଳେ ଭଦ୍ରକ ଜିଲାର ଆରଡ଼ିଠାରେ ବିଶ୍ୱପ୍ରସିଦ୍ଧ ଆଖଣ୍ଡଳମଣି ଧାମ ରହିଛି। ଏହି ଦୁଇଟି ଜାଗାକୁ ପ୍ରତିଦିନ ଦେଶ ବିଦେଶରୁ ଯାତ୍ରୀମାନେ ଆସି ଥାଆନ୍ତି। କିନ୍ତୁ ଧାମରା ବନ୍ଦର ପର୍ଯ୍ୟନ୍ତ ପୂର୍ବରୁ ରହିଥିବା ରେଳଲାଇନରେ ବିରଜାଙ୍କ ଶକ୍ତିପୀଠ ଏବଂ ଆରଡିକୁ ରେଳ ସଂଯୋଗ ନାହିଁ। ସେହି ରେଳଲାଇନ ସିଧାସଳଖ ଭଦ୍ରକ ଦେଇ ଧାମରା ପର୍ଯ୍ୟନ୍ତ ଯାଇଛି। ତେଣୁ ପ୍ରସ୍ତାବିତ ନୂତନ ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହୋଇପାରିବ। ଯାଜପୁର ଜିଲାର କଳିଙ୍ଗନଗର ଏସିଆ ମହାଦେଶର ଇସ୍ପାତ୍ ରାଜଧାନୀ ଭାବେ ପରିଗଣିତ ହୋଇସାରିଲାଣି । ଏଠାରୁ ଧାମରା ଦେଇ ଦେଶ ବିଦେଶକୁ ମାଲ ପରିବହନ କରିବା ପାଇଁ ସୁଗମ ହେବ। ଏହି ରେଳପଥ ନିର୍ମାଣ ଦ୍ୱାରା ଜିଲାର ଉତ୍ପାଦିତ କୃଷିଜାତ ଦ୍ରବ୍ୟର ପରିବହନ ଉନ୍ନତି ଆସିବା ସହିତ ଖାଉଟି ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଅଧିକ ସୁବିଧାଜନକ ହେବ ବୋଲି ଦାବି ହୋଇ ଆସିଛି । ହେଲେ ବିଗତ ବର୍ଷରେ ରେଳ ବଜେଟ୍‌ରେ ଏହି ପ୍ରକଳ୍ପକୁ ସ୍ଥାନ ମିଳି ନ ଥିବାରୁ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୨୦-୨୧ ରେଳ ବଜେଟ୍‌ରେ ଏହି ପ୍ରକଳ୍ପକୁ ସ୍ଥାନ ନ ମିଳିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବର୍ତ୍ତମାନ ଆରଟିଆଇର ତଥ୍ୟକୁ ଅବଲୋକନ କଲେ ରେଳ ବିଭାଗ ସର୍ଭେ ଅନୁସାରେ ନୂତନ ରେଳଷ୍ଟେଶନଗୁଡିକୁ ବାଦ୍ ଦେଇ ପୂର୍ବରୁ ରହିଥିବା ରେଳଲାଇନର କ୍ଷମତା ଅନୁଯାୟୀ ଟ୍ରେନ ଚଳାଚଳର ପ୍ରତିଶତକୁ ଗୁରୁତ୍ୱ ଦେଇଛନ୍ତି। ଯେଉଁଥିରେ ନୂତନ ପ୍ରସ୍ତାବିତ ଉପରୋକ୍ତ ରେଳ ଷ୍ଟେଶନ ଏବଂ ଦିଗ ଉପରେ କୌଣସି ସାମଞ୍ଜସ୍ୟ ରହୁନାହିଁ। ଅନ୍ୟପକ୍ଷେ ବର୍ତ୍ତମାନ ଧାମରା ପୋର୍ଟରୁ ପରିବହନ କ୍ଷମତା ବହୁଗୁଣରେ ବୃଦ୍ଧି ଘଟିଛି। କିନ୍ତୁ ରାଜନୈତିକ ବିଦ୍ୱେଷ ମନୋଭାବ ରଖି କୌଣସି ନା କୌଣସି ଆଳ ଦେଖାଇ ଏହି ପ୍ରକଳ୍ପକୁ ଅଣଦେଖା କରାଯାଉଛି ବୋଲି ଜିଲାବାସୀ ମତପୋଷଣ କରିଛନ୍ତି । ଯାଜପୁର-ଧାମରା ରେଳପଥ ସଂଯୋଗ କ୍ରିୟାନୁଷ୍ଠାନ କମିଟି, ବିରଜାକ୍ଷେତ୍ର ବିକାଶ ମଞ୍ଚ ଆଦି ଅନୁଷ୍ଠାନର କର୍ମକର୍ତ୍ତା ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

# ବିଦ୍ୟାଳୟରେ ଶିକ୍ଷକ ଅଭାବ ଦୂର ପାଇଁ ପ୍ରୟାସ



ବିଧାୟିକା ମଣ୍ଡଳ ଶିକ୍ଷାଧିକାରୀ ଓ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

## ମଣ୍ଡଳ ଶିକ୍ଷାଧିକାରୀଙ୍କ ସହ ବିଧାୟିକାଙ୍କ ଆଲୋଚନା

**ବରୀ,୧୭।୧୧ (ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ କେତେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପାଠପଢ଼ା ପ୍ରଭାବିତ ହେଉଥିବାବେଳେ ଅନ୍ୟ କେତେକ ବିଦ୍ୟାଳୟର ପିଲାଙ୍କ ତୁଳନାରେ ଅଧିକ ଶିକ୍ଷକ ରହିଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ଶିକ୍ଷକ ଅଭାବ ପୂରଣ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏହି କ୍ରମରେ ଗୁରୁବାର ବିଧାୟିକା ଦାସ ବରୀ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟରେ ପହଞ୍ଚି ଶିକ୍ଷାମଣ୍ଡଳ ଅଧିକାରୀ ଗୁରୁଚରଣ ଷଡ଼ଙ୍ଗୀ ଏବଂ ସାଧନକେନ୍ଦ୍ର ସଂଯୋଜକଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଯେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ର ସଂଖ୍ୟା କମ୍ ରହିଛି ଏବଂ ସେଠାରେ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତି ପାଇଛନ୍ତି, ସେମାନଙ୍କୁ ଶିକ୍ଷକ ଅଭାବ ଥିବା ବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ବିଧାୟିକା ପରାମର୍ଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ବିଧାୟିକା ବିଭିନ୍ନ ଶିକ୍ଷାକେନ୍ଦ୍ରର ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ଯେଉଁଠାରେ ସମସ୍ୟା ରହିଛି ସେଗୁଡ଼ିକୁ ଆଗାମୀ ଦିନରେ ସରକାରୀସ୍ତରରେ କିଭଳି ଭାବେ ସମାଧାନ କରାଯାଇ ପାରିବ ସେ କ୍ଷେତ୍ରରେ ବିଧାୟିକା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ଅତିରିକ୍ତ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନ ସଂଯୋଜକ ଜଳଧର ଖଟୁଆ, ଅତିରିକ୍ତ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ଦାସ, ମନୋଜ କୁମାର ସାହୁ, ତାରାକାନ୍ତ ମଲିକ, ପ୍ରଦୀପ କୁମାର କର, ପ୍ରସନ୍ନ କୁମାର ଷଡ଼ଙ୍ଗୀ, ଗଗନ ବିହାରୀ ସାହୁ, ଅରୁନ୍ଧତି ସାମଲ, ଅନିତା ବେହେରା, ମନୋଜ କୁମାର ବେହେରା, ମହେଶ୍ୱର ରାଉତ, ନିକୁଞ୍ଜ ବିହାରୀ ପାତ୍ର, ମହେନ୍ଦ୍ର ନାଥ ଶର୍ମା ଓ ଅମିତାଭ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ପଛରେ ପିଟିହେଲା ବସ୍, ୪ ଆହତ




**ପାଣିକୋଇଲି,୧୭।୧୧(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ବୁଧବାର ରାତିରେ ଏକ ଟ୍ରକ୍ ପଛରେ ଯାତ୍ରୀବାହୀ ବସ୍ ଧକ୍କା ହୋଇଛି। ଫଳରେ ବସ୍ ଚାଳକଙ୍କ ସମେତ କ୍ୟାବିନ୍‌ରେ ବସିଥିବା ୪ଜଣ ଯାତ୍ରୀ ଆହତ ହୋଇଛନ୍ତି। ଅନ୍ୟ ଯାତ୍ରୀମାନେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ବସ୍‌ରେ ପ୍ରାୟ ୩୦ ଯାତ୍ରୀ ଥିଲେ।

ସୂଚନା ମୁତାବକ, ଝାରସୁଗୁଡ଼ାରୁ ଲୁଣ ବୋଝେଇ କରି ଏକ ଟ୍ରକ୍(ଓଆର-୦୪-ଏନ-୮୯୧୨) ବାଲେଶ୍ୱର ଅଭିମୁଖେ ଯାଉଥିଲା। ତେବେ ଚାଳକଙ୍କୁ ନିଦ ଲାଗିବାରୁ ସେ ପାଣିକୋଇଲି ବଜାରର ତୃପ୍ତି ହୋଟେଲ ସମ୍ମୁଖ ରାଜପଥ କଡ଼ରେ ଗାଡ଼ି ରଖି ଚା' ପିଇବାକୁ ଯାଇଥିଲେ। ଏହି ସମୟରେ କେନ୍ଦୁଝରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସ୍ୱର୍ଣ୍ଣଲକ୍ଷ୍ମୀ ନାମକ ଏକ ଘରୋଇ ବସ୍(ଓଡି-୦୯-୩୫୧୯)ର ଚାଳକ ଭାରସାମ୍ୟ ହରାଇ ଟ୍ରକ୍ ପଛରେ ବସ୍‌କୁ ଧକ୍କା କରିଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ସହାୟତାରେ ଆହତଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ସଦର ମହକୁମା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ସୌରିକ ଯୁବ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**କାଳିଆପାଣି,୧୭।୧୧(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ଅନୁଷ୍ଠିତ ହେବାକୁ ଥିବା ସୌରିକ ଯୁବ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଓଡ଼ିଶା ଖଣି ନିଗମର କାଳିଆପାଣି ଅତିଥିଶାଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଅଧ୍ୟକ୍ଷତା କରିଥିଲେ।

ମୁଖ୍ୟ ଅତିଥି ଭାବେ ସୁକିନ୍ଦା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତି ରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୨୦୨୩ ଜାନୁୟାରୀ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚଳିତ ବର୍ଷ ମହୋତ୍ସବ ପାଳନ କରାଯିବ। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପରିବେଶ, ସ୍ୱାସ୍ଥ୍ୟ, ସ୍କିଲ୍ ଡେଭଲପ୍‌ମେଣ୍ଟ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଆଲୋଚନାରେ ସ୍ଥାନ ପାଇଥିଲା। ବୈଠକରେ ଓଡ଼ିଶା ଖଣି ନିଗମର ପ୍ରଶାସନିକ ଅଧିକାରୀ ସୁମିତ ପାଢ଼ୀ, ମଧୁସ୍ମିତା ଦାସ, ଟାଟା ମାଇନିଂ ଲିମିଟେଡ୍‌ର ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ, ଫେକର ବେଦାନ୍ତର ଅଜୟ ପାତ୍ର, ବାଲେଶ୍ୱର ଏଲ୍ଏଜ, ଇମ୍ଫାର ଦ୍ୱିତୀରାଜ ଜାଗଦାନନ୍ଦ ନାୟକ, ଜିନ୍ଦଲର ବରିଷ୍ଠ ଅଧିକାରୀ ରମ୍ୟରଞ୍ଜନ ରାଓଙ୍କ ସମେତ ବିଭିନ୍ନ ଖଣିରେ କାର୍ଯ୍ୟ କରୁଥିବା ମାଇନିଂ ଠିକାଦାର, ପରିବହନ ସଂସ୍ଥା, ସ୍ଥାନୀୟ ଜନପ୍ରତିନିଧି, ଖବରଦାତା, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମହୋତ୍ସବକୁ କିଭଳି ସରସସୁନ୍ଦର କରାଯାଇ ପାରିବ ସେନେଇ ମତ ରଖିଥିଲେ।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ପାଣିକୋଇଲି,୧୭।୧୧(ଡି.ଏନ.ଏ.)**

କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମର କିଶୋର କ୍ଲବ ଦ୍ୱାରା ପ୍ରଥମାଷ୍ଟମୀ ଅବସରରେ ୬୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ବିଜୟ କୁମାର ସ୍ୱାଇଁ, ସମ୍ପାଦକ ଲକ୍ଷ୍ମୀଧର କରଣ ଓ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ପ୍ରମୋଦ ପଣ୍ଡା ଏବଂ ସଦସ୍ୟମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରାଯାଇଥିଲା। ପ୍ରତିଯୋଗିତାରେ ଶୀତକାଳୀନ କ୍ରୀଡ଼ା, ମହିଳାଙ୍କ ପୁଚି, ଦୌଡ଼, ଯୁବକମାନଙ୍କ କବାଡ଼ି, ଦୌଡ଼ ଆଦି ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମର ପ୍ରେମାନନ୍ଦ ଦାଶ ପରିଚାଳନା କରିଥିବା ବେଳେ ଆଖ ପାଖ ଗ୍ରାମର ଶତାଧିକ କ୍ରୀଡ଼ା ପ୍ରେମୀ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆୟୋଜିତ ସଭାରେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଳିଙ୍ଗନଗର ପଲିଟେକନିକ ନିର୍ଦ୍ଦେଶକ ଇଂ. ଆଲେକଜାଣ୍ଡାର ଦାସ, ସମ୍ମାନିତ ଅତିଥିଭାବେ ଗୋଳେଇପୁର ସରପଞ୍ଚ ସସ୍ମିତା ମାଝୀ, ସମିତିସଭ୍ୟାଙ୍କ ପ୍ରତିନିଧି ଶଶିକାନ୍ତ ମାଝି, ପୂର୍ବତନ ସରପଞ୍ଚ ଅଦୈତ୍ୟ ଚରଣ ଦାଶ, ଶିକ୍ଷାବିତ୍ ଉମାକାନ୍ତ ଖଣ୍ଡାଇ, ଅନାମ ମହାପତ୍ର ଓ ମଧୁସୂଦନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ୬୭ ବର୍ଷର ଏହି ଅନୁଷ୍ଠାନର ପ୍ରୟାସକୁ ଅତିଥିଙ୍କ ଦ୍ୱାରା ପ୍ରସଂଶା କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆମ୍ ଆଦମୀ ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ପାର୍ଟିର କାର୍ଯ୍ୟକର୍ତ୍ତା।

**ଚଣ୍ଡିଖୋଲ,୧୭।୧୧(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ୍ ଅଧୀନ ଚଣ୍ଡିଖୋଲଠାରେ ଗୁରୁବାର ଆମ୍ ଆଦ୍‌ମୀ ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଜିଲା ସଭାପତି ମନୋଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରବକ୍ତା ରଙ୍ଗାଚରଣ ପ୍ରଧାନ ଯୋଗଦେଇ କହିଥିଲେ, ଦିଲ୍ଲୀ ଭଳି ଓଡ଼ିଶାରେ ଦୁର୍ନୀତିମୁକ୍ତ ଶାସନ କେବଳ ଆମ୍ ଆଦ୍‌ମୀ ପାର୍ଟି ହିଁ କରିପାରିବ। ଆମର ପ୍ରାଥମିକତା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଉପରେ ରହିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ଦୁର୍ଗାପ୍ରସାଦ ଦାସ, ପୁଲିନ ଖୁଣ୍ଟିଆ, କାଳନ୍ଦୀ ଚରଣ ମଲ୍ଲିକ, ଗୋପୀନାଥ ମହାପାତ୍ର, ଆରୁଣି ମିଶ୍ର ଓ ନଗେଶ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଚଢ଼େଇଧରା,୧୭।୧୧(ଡି.ଏନ.ଏ.)**



ଧର୍ମଶାଳା ବ୍ଲକ୍ ଅଧୀନ ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ାଖାଲେଇ ଶିବ ମନ୍ଦିର ନିକଟରେ ଲକ୍ଷ୍ମୀନାରାୟଣଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୋଇଲିଶ୍ୱର ପୋଖରୀରୁ ପଣ୍ଡିତ ଦାମୋଦର ରଥ, ହରିହର ମିଶ୍ର ଓ ଧନେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଜଳ କଳସୀ ଅଣାଯିବା ପରେ ଘଟ ସ୍ଥାପନ କରାଯାଇଥିଲା। କର୍ତ୍ତାଭାବେ ଦିଲୀପ କୁମାର ପରିଡ଼ା ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଅନ୍ନ ପ୍ରସାଦ ବଣ୍ଟନ ସହ ଭଜନ, କୀର୍ତ୍ତନ କରାଯାଇଥିଲା। ବହୁ ଆଧ୍ୟାତ୍ମିକ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଅତିଥି ଭାବେ ପଞ୍ଚାୟତ ସଭାପତି ଜଗଦୀଶ ଜେନାମଣୀ ଯୋଗ ଦେଇଥିଲେ। ଏଠାରେ ଲକ୍ଷ୍ମୀନାରାୟଣ ମନ୍ଦିର ନିର୍ମାଣ ନିମନ୍ତେ ଗ୍ରାମର ଧନେଶ୍ୱର ପରିଡ଼ାଙ୍କୁ ସ୍ୱପ୍ନାଦେଶ ହୋଇଥିଲା ବୋଲି ଗ୍ରାମବାସୀ କହିଛନ୍ତି।

# ବୋର୍ଡରେ ଲେଖାଯିବ ଡାକ୍ତରଙ୍କ କାର୍ଯ୍ୟସୂଚୀ

**କଳିଙ୍ଗନଗର,୧୭।୧୧(ଡି.ଏନ.ଏ.)**



ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

## ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଥମ ରୋଗୀ କଲ୍ୟାଣ ସମିତି ବୈଠକ ଭିଡିଓ କନଫରେନ୍ସରେ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରୋଗୀସେବାକୁ ପ୍ରାଥମିକତା ଦିଆଯାଇଛି। ଏହା ବ୍ଲକ୍‌ର ମୁଖ୍ୟ ଡାକ୍ତରଖାନା ହୋଇଥିବାରୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ହେବା ସ୍ୱାଭାବିକ। ସେଥିପାଇଁ ଡାକ୍ତରଙ୍କ ଉପସ୍ଥିତି ରୋଗୀଙ୍କ ପକ୍ଷରେ ଜାଣିବା ନିହାତି ଆବଶ୍ୟକ। ଏହି କାରଣରୁ କେଉଁ ଡାକ୍ତର କେଉଁ ସମୟରେ ଡ୍ୟୁଟିରେ ଅଛନ୍ତି, ତାହାର ସବିଶେଷ ବିବରଣୀ, ପ୍ରତ୍ୟେକ ଦିନ ଏକ ବୋର୍ଡରେ ଲେଖାଯିବ। ଫଳରେ ଚିକିତ୍ସା ପ୍ରଦାନ ସୁବ୍ୟବସ୍ଥିତ ହୋଇପାରିବ। ଏହା ସହ ପାତର ଅନ୍ତର ନ କରି ସମସ୍ତ ଡାକ୍ତରଙ୍କୁ ସମାନ ଭାବରେ ଡ୍ୟୁଟି ପ୍ରଦାନ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବ୍ଲକ ଅଧ୍ୟକ୍ଷା ତଥା ରୋଗୀ କଲ୍ୟାଣ ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ଦାସ ଯୋଗଦେଇ ମେଡିକାଲରେ ସମସ୍ତ ପ୍ରକାରର ମେଡିସିନ ମହଜୁଦ ରଖିବା ପାଇଁ ଦାବି କରିଛନ୍ତି। ଫଳରେ ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ ପଡିବ ନାହିଁ। ସେହିଭଳି ନିରାମୟ ମେଡିସିନ କେନ୍ଦ୍ରର ଖୋଲିବା ସମୟ ବୃଦ୍ଧି କରାଯିବା, ପୋଷ୍ଟମର୍ଟମ, ଡେଥ ଓ ବାର୍ଥ ସାର୍ଟିଫିକେଟ ପ୍ରଦାନରେ ଅହେତୁକ ବିଳମ୍ବ ନ କରିବାକୁ କୁହାଯାଇଛି। ବୈଠକରେ ବିଡିଓ ମଣିପ୍ରସାଦ ମିଶ୍ର, ମେଡିକାଲ ଅଫିସର ଜ୍ୟୋତିରଞ୍ଜନ ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ ଓ ବ୍ଲକ ଶିକ୍ଷା ଅଧିକାରୀ ବଳରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୂଚନା ଦେଉନାହାନ୍ତି ଡିଇଓ କାର୍ଯ୍ୟାଳୟ

**ନୟାଗଡ଼ ଅଫିସ,୧୭।୧୧:** ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲରେ ଖେଳ ସାମଗ୍ରୀ କିଣା, ପିଲାଙ୍କ ମଧ୍ୟାହ୍ନଭୋଜନ, ପିଲାଙ୍କ ଫି ହିସାବ, କେଉଁ ବ୍ୟାଙ୍କରେ ସ୍କୁଲ ବାବଦ ଅର୍ଥ ଜମା, ଖେଳପଡିଆ ନ ଥାଇ କେଉଁଠି ଖେଳ ଶିକ୍ଷକ ଖେଳ ଶିଖାଉଥିବା ପରି ତଥ୍ୟକୁ ସୂଚନା ଆଇନରେ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ମଗାଯାଇଥିଲା । ହେଲେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାଣି ଶୁଣି ସୂଚନା ଦିଆଯାଉ ନ ଥିବା ଅଭିଯୋଗ ହୋଇଛି । ଗତ ଅଗଷ୍ଟ ମାସରେ ଦଶପଲ୍ଲା ପାଟପୁରପାଟଣା ଅର୍ଜୁନ ସାହୁ ଉପରୋକ୍ତ ତଥ୍ୟ ମାଗିଥିଲେ । ହେଲେ ସୂଚନା ମିଳୁ ନ ଥିବାରୁ ସାହୁ ୨ୟ ଅପିଲ ସୂଚନା କମିଶନର ଭୁବନେଶ୍ୱରରେ କରିବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି କହିଛନ୍ତି ।

### ଦୁର୍ଘଟଣା ନୁହେଁ, ଆକ୍ରମଣରେ ଆହତ ହୋଇଥିଲେ ଯୁବକ

**ଖଣ୍ଡପଡ଼ା,୧୭।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ାରୁ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କୁସୁମୀ ନଦୀ ସେତୁ ଉପରୁ ଗତ ଅକ୍ଟୋବର ୨୯ ତାରିଖ ରାତିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ସମ୍ପୃକ୍ତ ଯୁବକ ହେଲେ ବନମାଳୀପୁର ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁର ଗ୍ରାମରେ ଉମାକାନ୍ତ ସେନାପତି । ଦୁର୍ଘଟଣା ଯୋଗୁ ଉମାକାନ୍ତଙ୍କ ଏପରି ଅବସ୍ଥା ହୋଇଥିବା ନେଇ ପରିବାର ଲୋକେ ପ୍ରଥମେ ସନ୍ଦେହ କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ କୌଣସି କାରଣକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ଉମାକାନ୍ତଙ୍କୁ ଆକ୍ରମଣ କରିଥିଲେ ବୋଲି ତାଙ୍କ ବାପା ବ୍ରଜବନ୍ଧୁ ସେନାପତି ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୨୧୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୁରୁଷୋତ୍ତମପୁର ଗ୍ରାମର ଜଣେ ଯୁବକଙ୍କ ସମ୍ପୃକ୍ତ ଥିବା ପୋଲିସ ସୂଚନା ପାଇଛି ।

### ପେଟ୍ରୋଲ ପମ୍ପରୁ ଲୁଟ ଘଟଣା, ପୋଲିସର ତଦନ୍ତ ଜାରି

**ଖଣ୍ଡପଡ଼ା,୧୭।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ରାଜକିଆରୀ ଛକ ନିକଟ କଣ୍ଟିଲୋ-ଗଣିଆ ୪୮ନଂ. ରାଜ୍ୟ ରାଜପଥପାର୍ଶ୍ୱ ମା’ଭାନୁମତୀ ପେଟ୍ରୋଲ ପମ୍ପରୁ ବୁଧବାର ସନ୍ଧ୍ୟାରେ ୬ଜଣ ଲୁଟେରା ବୋମା ପକାଇବା ସହ ସିସି କ୍ୟାମେରାକୁ ଭଙ୍ଗାରୁଜା କରି ୧.୫ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ । ସେମାନଙ୍କ ଆକ୍ରମଣରେ ପେଟ୍ରୋଲ ପମ୍ପରର ୩ଜଣ କର୍ମଚାରୀ ଆହତ ହୋଇଥିଲେ । ପେଟ୍ରୋଲ ପମ୍ପ ମାଲିକ ବିକ୍ରମ କେଶରୀ ରାଉତ ଗୁରୁବାର ଖଣ୍ଡପଡ଼ା ଥାନାରେ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୬୧/୨୨) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ରମେଶ କୁମାର ଦେବତା କହଛନ୍ତି । ତାଙ୍କ ନେତୃତ୍ୱରେ ପୋଲିସ ଟିମ କଟକ ଜିଲାର ନରସିଂହପୁର ଓ ବଡମ୍ବା ଥାନାର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ହେଁ ଲୁଟେରାଙ୍କ ଟେର ମିଳିନାହିଁ ।

# ଠକେଇ ପରେ ବି ସଚେତନତା ଶୂନ

- ବଢୁଛି ଟେଲିକମ୍, ଡିଟିଏଚ୍ କମ୍ପାନୀର ମନମାନି
- ଶୁକ୍ରବାର ସଚେତନତା କର୍ମଶାଳା ପାଇଁ ପ୍ରସ୍ତୁତି

ନୟାଗଡ଼ ଅଫିସ,୧୭।୧୧

ସମ୍ପ୍ରତି ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପିଲା, ବୁଢ଼ା, ଯୁବତୀ ଯୁବକ ସମସ୍ତ ବର୍ଗର ଲୋକେ ମୋବାଇଲ ବ୍ୟବହାର କରୁଛନ୍ତି। ଯାହା ଆମ ପାଇଁ ଅପରିହାର୍ଯ୍ୟ ହୋଇଛି । ତେବେ ଟେଲିକମ୍ ଓ ଡିଟିଏଚ୍ କମ୍ପାନୀଙ୍କ ମନମାନି ଓ ଠକେଇ ବଢୁଥିବା ବେଳେ ଗ୍ରାହକ ଅଭିଯୋଗ କରିବାର ମାଧ୍ୟମ ଜାଣି ନ ପାରି ଚୁପ ରହୁଛନ୍ତି । ଫଳରେ ଏହାର ଫାଇଦା ନେଉଛନ୍ତି ଉପରୋକ୍ତ କମ୍ପାନୀ। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଠକେଇର ଶିକାର ହୋଇଥିବା ଖାଉଟିମାନେ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲାରେ ୯୬ ପ୍ରତିଶତ ଟେଲିକମ୍ ଗ୍ରାହକ ଅଛନ୍ତି । ହେଲେ ସେମାନେ ନିଜ ଅଧିକାର ବିଷୟରେ ସଚେତନ ନୁହନ୍ତି। ଏପରି କି ସଚେତନ ହେବା ପାଇଁ ଟେଲିକମ୍ କମ୍ପାନୀମାନେ ସେମାନଙ୍କୁ ସୁଯୋଗ ଦେଇନାହାନ୍ତି । ଗ୍ରାହକଙ୍କ ସରଳତାର ସୁଯୋଗ ନେଇ ଟେଲିକମ୍ କମ୍ପାନୀ ଲୁଟି ଚାଲିଛନ୍ତି ବୋଲି ଅଭିଯୋଗ ହୋଇଆସୁଛି।। ବିଶେଷକରି ସିମ୍ ନେବା ସମୟରେ ବହୁତ ଛୋଟ ଅକ୍ଷରରେ ଇଂଲିଶରେ ଟର୍ମ କଣ୍ଡିଶନ ଲେଖା ହୋଇଥିବାରୁ ଗ୍ରାହକମାନେ ଜାଣି ପାରି ନ ଥାନ୍ତି । ଯାହା ଗ୍ରାହକଙ୍କୁ ଲୁଟିବା ରାସ୍ତା ପ୍ରଶସ୍ତ କରିଛି । ପୁଣି ଗ୍ରାହକ ନେଟୱର୍କ ସମସ୍ୟା, ଗୁଣବତ୍ତା ସେବା ପାଇବାରୁ ବଞ୍ଚିତ ଥିଲେ ବି ମୂଲ୍ୟ ଦେବାକୁ ପଡୁଛି । ଅଭିଯୋଗକଲେ ସୁଫଳ ମିଳୁନି। ସେହିପରି ଫେକ୍ ମେସେଜ, ନିମ୍ନମାନର ସେବାର ପ୍ରତିକାର ନାହିଁ । ଏଠାରେ ନୟାଗଡ଼ ସହରର ହାଉସିଂ ବୋର୍ଡ କଲୋନୀକୁ ଉଦାହରଣ ଭାବେ ନିଆଯାଇପାରେ। ଉକ୍ତ କଲୋନୀରେ ନେଟ୍‌ୱର୍କ କାମ କରେନି । ପୁଣି ଦଶପଲ୍ଲା, ଗଣିଆ ଓ ନୂଆଗାଁ ଅଞ୍ଚଳରେ ଅଧିକାଂଶ ଗାଁରେ ମୋବାଇଲ ସେବା ମିଳୁନି । ଅଳ୍ପଦିନ ତଳେ ଅନୁଷ୍ଠିତ ଦିଶା ବୈଠକରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, କଟକ ଏମ୍‌ପି ତଥା ଦିଶାର ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ ପ୍ରମୁଖ ଯୋଗଦେଇ ବିଭିନ୍ନ ଗାଁରେ ଟେଲିଫୋନ ସେବା ମିଳୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାର ନିରାକରଣ ପାଇଁ ପୁଣି ଏକ ବୈଠକ ଆହ୍ୱାନ କରି ଟେଲିକମ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡାକିବା ପାଇଁ ପରାମର୍ଶ ଦେଇଛନ୍ତି । ସେହିଭଳି ନୟାଗଡ଼ ଜିଲାର ୮ ବ୍ଲକର ବହୁ ପଞ୍ଚାୟତରେ ସରକାର ଡିଜିଟାଲ ସାକ୍ଷରତା ହାର ନିମ୍ନମାନର ରହିଛି। ଏହାର ମୁଖ୍ୟ କାରଣ ଟେଲିକମ୍ କମ୍ପାନୀଗୁଡିକର ମନମାନି ଓ ଅଣଦେଖା ମନୋଭାବ । ଅନ୍ୟପକ୍ଷେ ଡିଜିଟାଲ ସାକ୍ଷରତା ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ, ନେଟୱର୍କ ସମସ୍ୟା, ଇଣ୍ଟରନେଟର ଧିମାଗତି, ଫେକ୍ ମେସେଜ, ନିମ୍ନମାନ ସେବା, ରିଚାର୍ଜ ପୂର୍ବରୁ ବାରମ୍ବାର କଲ୍ ଆସିବା, ନୋଡାଲ ଓ ଅପ୍‌ଲୋଡ୍ ପରି ସମସ୍ୟା ଲାଗିରହୁଛି। ସେହିପରି ଅଧିକାରୀଙ୍କ ତଥ୍ୟ ସାର୍ବଜନୀନ ନ କରିବା, ଟ୍ରାଇର ଭ୍ୟାଲିଡିଟି ୨୮ରୁ ୩୦ଦିନ ନିୟମ କଲେ ବି ଟେଲିକମ କମ୍ପାନୀ ଆଜି ସୁଦ୍ଧା ସେହି ନିୟମକୁ କାର୍ଯ୍ୟକ୍ଷମ କରୁନାହାନ୍ତି।

ଅନ୍ୟପକ୍ଷେ ଘରୋଇ ଇଣ୍ଟରନେଟ୍ ସେବାକାରୀ ଓ ଡିଟିଏଚ୍ ଗ୍ରାହକଠାରୁ ଅଧିକ ମାସିକ ଦର ନେଉଛନ୍ତି। ଗୁଣାତ୍ମକ ସେବା ଦେବାରେ ଟେଲିକମ୍ କମ୍ପାନୀମାନେ ଅସମର୍ଥ । ପ୍ରତିଦିନ ଗ୍ରାହକମାନେ ଶୋଷଣର ଶିକାର ହୋଉଛନ୍ତି । ଟ୍ରାଇ ନିୟମ କଡାକଡି ଥିଲେ ମଧ ଟେଲିକମ୍ କମ୍ପାନୀ,କେବୁଲ ଅପରେଟର, ଇଣ୍ଟରନେଟ ସେବା ପ୍ରଦାନକାରୀ ଅଣଦେଖା କରୁଛନ୍ତି। ଏନେଇ ଉପଭୋକ୍ତା ଓକିଲାତି ସଂଘ ବୋର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ କୁହନ୍ତି, ଗ୍ରାହକସେବା କେନ୍ଦ୍ରଗୁଡିକରେ ଅଭିଯୋଗ ପ୍ରଣାଳୀକୁ ସରଳ କରିବା, ଅଧିକ ଟୋଲ ଫ୍ରି ନମ୍ବର, ହ୍ୱାଟସ୍‌ଆପ୍ ନଂ. ଓ ଓଡିଆ ଭାଷାରେ ସୁଗମ୍ୟ କରିବା ପାଇଁ ଆମ୍ଭେ ଗୁରୁତ୍ୱ ଦେଉଛୁ । ଏଣୁ ଅଧିକରୁ ଅଧିକ ଗ୍ରାହକ ସଚେତନତା କର୍ମଶାଳା କମ୍ପାନୀଗୁଡିକ କରିବା ଉପରେ ପରାମର୍ଶ ଦିଆଯାଇଛି । ପୁଣି ଟ୍ରାଇ ନିୟମ ଓ ନିର୍ଦ୍ଦେଶାବଳୀ ଉପରେ ଗ୍ରାହକଙ୍କୁ ମାର୍ଗ ଦର୍ଶନ ଦିଆଯିବ । ଅପରପକ୍ଷେ ଭାରତୀୟ ଦୂର ସଞ୍ଚାର ନିଗମ, ଜିଓ ନେଟୱର୍କ, ଏୟାରଟେଲ, ଭୋଡାଫୋନ, କେବୁଲ ଟିଭି, ଇଣ୍ଟରନେଟ ଓ ସମ୍ପ୍ରସାରଣ ସେବାପ୍ରଦାନକାରୀ ସେବା ଓ ଅଭିଯୋଗ ଶୁଣିବେ । ଅପରପକ୍ଷେ ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ ବୋର୍ଡ ପକ୍ଷରୁ ଏକ ଦିବସୀୟ ସଚେତନତା କର୍ମଶାଳା ନୟାଗଡ଼ ଶିକ୍ଷକ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହେବ । ଏହି କର୍ମଶାଳାରେ ଅତିରିକ୍ତ ଜିଲାପାଳ ତଥା ଜିଲା ଖାଉଟି ସୁରକ୍ଷାଅଧିକାରୀ ମୁଖ୍ୟଅତିଥି ରୂପେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

# କମ୍ପୋଷ୍ଟ ପିଟ୍ ନିର୍ମାଣ ଉପରେ ଗୁରୁତ୍ୱ




ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହିତ ଅନ୍ୟମାନେ ।

### ଓଡ଼ଗାଁ ବ୍ଲକ୍‌ରେ ଜିଲାପାଳଙ୍କ ସମୀକ୍ଷା ବୈଠକ

- ବ୍ଲକ୍ ଅଞ୍ଚଳରେ ଗୋଟିଏ ଆଦର୍ଶ ଗୁହାଳ ନିର୍ମାଣ
- ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ପରାମର୍ଶ

ଓଡ଼ଗାଁ,୧୭।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ବୁଧବାର ସନ୍ଧ୍ୟାରେ ଓଡ଼ଗାଁ ଗସ୍ତରେ ଆସି ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବ୍ଲକ ସମ୍ମିଳନୀ ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଓ ବିଡିଓ ସ୍ୱାତୀଲେଖା ଦାସଙ୍କ ସମେତ କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଓ ତା’ର ଅଗ୍ରଗତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ । ମୁଖ୍ୟତଃ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ନିର୍ମାଣ କରାଯାଉଥିବା କମ୍ପୋଷ୍ଟ ପିଟ୍ ପ୍ରକଳ୍ପର ଆଶାନୁରୁପ ଅଗ୍ରଗତି ହୋଇ ନ ଥିବାରୁ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସେହି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । କେବଳ ଗୋଲଗାଁ ପଞ୍ଚାୟତ ଧାର୍ଯ୍ୟଲକ୍ଷ୍ୟ ଠାରୁ ୬୦ ପ୍ରତିଶତ କାର୍ଯ୍ୟ ହାସଲ କରିଥିବା ବେଳେ ୨ ମାସ ମଧ୍ୟରେ ଅସମ୍ପୂର୍ଣ୍ଣ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଆଦର୍ଶ ଗାଈ ଗୁହାଳ ଯୋଜନା ପ୍ରଣୟନ କରାଯାଇଥିବାବେଳେ ଉକ୍ତ ବ୍ଲକରେ ମାତ୍ର ଗୋଟିଏ ଗାଈ ଗୁହାଳ ନିର୍ମାଣ କରାଯାଇଛି । ଜିଲାରେ ଓଡ଼ଗାଁ ବ୍ଲକର ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଜିଲାପାଳ କହିଥିଲେ । ଏହା ସହିତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଠିକ ସମୟରେ ବିଦ୍ୟୁତ୍ ବିଲ ପୈଠ ନ କରିବା କାରଣରୁ ବକେୟା ପରିମାଣ ୩୮ ଲକ୍ଷରେ ପହଞ୍ଚିଛି । ଏ ନେଇ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ । ତୁରନ୍ତ ବିଦ୍ୟୁତ ବକେୟା ବିଲ ପୈଠ କରିବା ଓ ଆଗାମୀ ଦିନରେ ସଠିକ ସମୟରେ ବିଲ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦା କରିଥିଲେ । ଏହା ସହିତ ତୃତୀୟ ପର୍ଯ୍ୟାୟରେ ବ୍ଲକର ୧୫ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିକରଣ ହେବ। ଚାଲିଥିବା କାମର ମାନ ଓ ଅଗ୍ରଗତି ସମ୍ପର୍କରେ ଜିଲାପାଳ ପଚାରି ବୁଝିଥିଲେ । ଅନ୍ୟପକ୍ଷେ ପ୍ରତି ପଞ୍ଚାୟତରେ ଆଦର୍ଶ ପୋଖରୀ ଖନନ ସହିତ ପାଠାଗାରା ନିର୍ମାଣ କରିବାକୁ ବ୍ଲକ ଅଧ୍ୟକ୍ଷ ସାହୁ ପ୍ରସ୍ତାବ ଦେଇଥିଲେ । ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ସହିତ ଜନ ପ୍ରତିନିଧିଙ୍କ ସମନ୍ୱୟ ରକ୍ଷା କରି କାମ କରିବାକୁ ଜିଲାପାଳ ସମୀକ୍ଷା ବୈଠକରେ ପରାମର୍ଶ ଦେଇଥିଲେ।

## ଅଫ୍‌ଲାଇନରେ ୩୦ ଲକ୍ଷ ଟଙ୍କାର ଟେଣ୍ଡର

- ଜିଲାପାଳଙ୍କୁ ଫେରାଦ୍, ଟେଣ୍ଡର ବାତିଲ ଦାବି
- ମ୍ୟୁନିସିପାଲିଟିରେ ଟେଣ୍ଡର ଫିକ୍ସିଂ ପାଇଁ ମସୁଧା

ନୟାଗଡ଼ ଅଫିସ,୧୭।୧୧

ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ୩୦ ଲକ୍ଷ ଟଙ୍କାର ଅଫ୍ ଲାଇନ ଟେଣ୍ଡର କରାଯାଇ ସରକାରୀ ଆଇନକୁ ଅଣଦେଖା କରାଯାଇଛି । ଯାହାକି ୫ଟି ଅନୁଶାସନର ସ୍ୱଚ୍ଛତାକୁ ଉଲ୍ଲଂଘନ କରୁଥିବାରୁ ଟେଣ୍ଡର ଫିକ୍ସିଂ କରାଯିବାର ଗନ୍ଧ ଆସୁଛି ବୋଲି ଅଭିଯୋଗ ହୋଇଛି । ନୟାଗଡ଼ର ଆଇନଜୀବୀ ରଣଜିତ୍ ଦାଶ ଏନେଇ ଜିଲାପାଳଙ୍କୁ ଫେରାଦ ହୋଇ ଅଫ୍ ଲାଇନ ଟେଣ୍ଡରକୁ ବାତିଲ କରିବାକୁ ଦାବି କରିଛନ୍ତି। ରଣଜିତ୍‌ଙ୍କ ଅଭିଯୋଗ ଅନୁଯାୟୀ, ୭ ନଭେମ୍ବରରେ ମ୍ୟୁନିସିପାଲିଟି ପକ୍ଷରୁ ୨ଟି ଟେଣ୍ଡର ନୋଟିସ୍ ପ୍ରକାଶ ପାଇଛି । ୪୯୭୬/୭।୯।୨୦୨୨ ନମ୍ବର ଟେଣ୍ଡରଟି ଇ ପ୍ରକୋରମେଣ୍ଟ ଅନଲାଇନ ବିଡ୍ ଅଟେ। ଯାହା ଆଇନ ଅନୁସାରେ ହୋଇଛି। ତେବେ ୨ୟ ଟେଣ୍ଡର ୪୯୪୮ନଂ. ନୋଟିସ ଟି ଅନଲାଇନ ପରିବର୍ତ୍ତେ ଅଫ୍‌ଲାଇନରେ ହୋଇଛି । ଅଫ୍ ଲାଇନ ଟେଣ୍ଡରରେ ୩୦ ଲକ୍ଷ ଟଙ୍କାର କାମ ରହିଛି। ସରକାରୀ ନିୟମ ଅନୁସାରେ ପ୍ରକଳ୍ପର କାର୍ଯ୍ୟ ୫୦ ହଜାରରୁ କମିଲେ ଟେଣ୍ଡର ଅଫ୍‌ଲାଇନ ହେବ । ଏଥିପାଇଁ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ଅଛି । ତେବେ ୩୦ ଲକ୍ଷ ଟଙ୍କାର ଅଟକଳକୁ ଅଫ୍‌ଲାଇନରେ କ’ଣ ପାଇଁ କରାଯାଇଛି ତା’ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିଶାନ୍ତ



@ ଓମ୍‌ଶକ୍ତି



@ ପ୍ରଶାନ୍ତ



@ ରାକେଶ



@ ସୁନୀଲ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫାଇନାଲରେ କଟକ ଆଚିଭର



ନୟାଗଡ଼ ଅଫିସ/ଶରଣକୁଳ,୧୭।୧୧

ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୬୧ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟରେ ଫାଇନାଲ ମ୍ୟାଚ୍ ଖେଳିବାକୁ କଟକର ଆଚିଭର ଟିମ୍ ଯୋଗ୍ୟ ବିବେଚିତ ହୋଇଛି । ଗୁରବାର ପ୍ରଥମ ସେମି ଫାଇନାଲ ମ୍ୟାଚରେ କଟକ ଆଚିଭର ଟିମ୍ ୨ – ୧ ଗୋଲରେ ହାଇଦ୍ରାବାଦ ଆର୍ମି ଦଳକୁ ପରାସ୍ତକରି ଶନିବାର ହେବାକୁ ଥିବା ଫାଇନାଲ ମ୍ୟାଚ ଖେଳିବ।

ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ଥିଲା । ଉଭୟ ଦଳ ବିଜୟ ପାଇଁ ଚେଷ୍ଟା ଚଳାଇଥିବା ବେଳେ ମ୍ୟାଚ୍‌ର ୯ ମିନିଟରେ କଟକ ଦଳର ଖେଳାଳି ଭାବଗ୍ରାହୀ ପଢ଼ିଆରୀ ପ୍ରଥମ ଗୋଲ ସ୍କୋର କରିଥିଲେ । ସେହିପରି ଦ୍ୱିତୀୟାର୍ଦ୍ଧରେ ଭାବଗ୍ରାହୀ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ । ହାଇଦ୍ରାବାଦ ଦଳର ସାଇବ ଅଲ୍ଲୀ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ । ସେମି ଫାଇନାଲ ମ୍ୟାଚରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସହିତ ନୟାଗଡ଼ ପୌର ପରିଷଦର ଅଧକ୍ଷା ନିରୂପମା ଖଟେଇ, ଡାକ୍ତର ସିଦ୍ଧାର୍ଥ ଦାଶ ଓ ସୁରେନ୍ଦ୍ର ନାଥ ପ୍ରଧାନ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ସଲିଲ କୁମାର ବେହେରା ଓ ପ୍ରଦୀପ୍ତ ମହାନ୍ତି ଲାଇନରେ ସହାୟତା କରିଥିଲେ । ଭାବଗ୍ରାହୀଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା । ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ଖେଳ ଷ୍ଟାର– ୧୧ ଲକ୍ଷ୍ନୌ ଓ ସାଇ ହାଲ ସୁନାବେଡା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି ।

## ରାସ୍ତାକଡ଼ରୁ ମିଳିଲା ଯୁବକଙ୍କ ମୃତଦେହ

ନୟାଗଡ଼ ଅଫିସ,୧୭।୧୧

ଶରଣକୁଳଠାରୁ ପୁରୀକୁ ସଂଯୋଗ କରୁଥିବା ନୂଆ ଜଗନ୍ନାଥ ସଡ଼କର ଡିମିଶର ପେଟ୍ରୋଲ ପମ୍ପ ପାର୍ଶ୍ୱବର୍ତ୍ତୀ ରାସ୍ତାରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଶରଣକୁଳ ଥାନା ଶିଖରପୁର ଗ୍ରାମର ମାନସ ମନ୍ତ୍ରୀ(୨୮)। ମାନସ ବୁଧବାର ସନ୍ଧ୍ୟାରେ କୌଣସି କାମରେ ଗୋଡ଼ିପଡା ଯାଇଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ତାଙ୍କୁ ବହୁ ଖୋଜା ଖୋଜି କରିଥିଲେ ମଧ ପୁଅର କୌଣସି ଖବର ମିଳି ନ ଥିଲା । ଗୁରୁବାର ଭୋର ସମୟରେ ଡିମିଶର ଗ୍ରାମର ଚାଷୀମାନେ ବିଲକୁ ଯାଉଥିବା ସମୟରେ ଜଣେ ଯୁବକ ମରି ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଗୋଡିପଡ଼ା ଫାଣ୍ଡି ଅଧିକାରୀ ଓ ଶରଣକୁଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୫୦/୨୨) ରୁଜି ହୋଇଛି । ପୋଲିସ ତଦନ୍ତ ଜାରି ରଖିଛି।

# କାଞ୍ଜିଅଁଳାର ଶୁଖୁଆ ବୋହୂ ପୂଜା

ଖଣ୍ଡପଡ଼ା,୧୭।୧୧(ସ୍ୱ.ପ୍ର.)

ଗୁରୁବାର ସନ୍ଧ୍ୟାରେ ଖଣ୍ଡପଡ଼ା, କଣ୍ଟିଲୋ ଓ ଏହାର ଆଖ ପାଖ ଅଞ୍ଚଳରେ କାଞ୍ଜିଅଁଳା ପର୍ବ ପାଳିତ ହୋଇଯାଇଛି। ଏହି ପୂଜାରେ ଶୁଖୁଆକୁ ବୋହୂ ସଜାଇ ଶାଶୁ ମୁଣ୍ଡିଆ ମାରିବା ଭଳି ଏକ ଭିନ୍ନ ପରମ୍ପରା ରହିଛି । ଭାରତୀୟ ସଂସ୍କୃତିରେ ଶାଶୁ ଶ୍ୱଶୁର, ମାତାପିତା ହେଉଛନ୍ତି ଘରର ମୁରବି । ହେଲେ ଆଜିର ଏହି ଓଷାରେ ଦେଖିବାକୁ ମିଳେ ଘରର ମୁରବି ପୂଜାସ୍ଥଳରେ ଶୁଖୁଆକୁ ବୋହୂ ସଜାଇ ମୁଣ୍ଡିଆ ମାରିଥାଆନ୍ତି । କାଞ୍ଜିଅଁଳାର ବିଶେଷତ୍ୱ ହେଉଛି ପୂର୍ବରୁ ରଖାଯାଇଥିବା ପେଜରେ ପ୍ରସ୍ତୁତ ହୋଇଥାଏ କାଞ୍ଜି । ଏଥିସହିତ ଘରେ ରୋଷେଇ ହୋଇଥିବା ତରକାରୀ, ଭାତ, ଡାଲି ପୂଜା ହୋଇଥାଏ । ସାହିର ମହିଳାମାନେ ଏକାଠି ହୋଇ ଏକ ଆୟତାକାର ଛୋଟିଆ ପୋଖରୀ ପ୍ରସ୍ତୁତ କରିଥିଲେ । ପିତା ଶୁଖୁଆ ୭ଟିକୁ ସ୍ନାନ କରାଇ ହଳଦୀରେ ବୁଡାଇ ରଖାଯାଇଥାଏ । ତା’ପରେ କଜ୍ୱଳ, ସିନ୍ଦୁର ଲଗାଇ ପୂଜା ବେଦୀରେ ରଖିଥିଲେ । ସେଠାରେ ପିଠା, ଭାତ. ତରକାରୀ ଓ ମୁଡି ଆଦିକୁ ପୂଜା କରିଥିଲେ। ପୋଇ ଡାଳକୁ ଖଡୁ ଭାବେ ମଧ୍ୟ ପୂଜା କରାଯାଇଥିଲା। କାଞ୍ଜି ଶୀତଦିନେ ଖାଇବା ଦ୍ୱାରା ଶରୀରକୁ ବହୁତ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି । ଆଜିର ଦିନଠାରୁ ପ୍ରାୟ ପ୍ରତ୍ୟେକ ଘରେ ଭାତ ସାଙ୍ଗରେ ଅନ୍ୟ ଯେ କୌଣସି ଡାଲି, ତରକାରି ହେଉନା କାହିଁକି କାଞ୍ଜି ଟିକେ ପ୍ରସ୍ତୁତ ହୋଇଥିବା ଦେଖାଯାଏ ।



କଣ୍ଟିଲୋ ଅଞ୍ଚଳର ମହିଳାମାନେ କାଞ୍ଜିଅଁଳା ପୂଜା କରୁଛନ୍ତି ।

